# ବିଜୁ ସେତୁ ଶିଳାନ୍ୟାସ କଲେ ବିଧାୟିକା

**ଭେଡେନ, ୨।୩(ସମିସ):** ଭେଡେନ ବ୍ଲକ ଅର୍ଜୁଣ୍ଡା ପଞ୍ଚାୟତସ୍ଥିତ ପଣ୍ଡକିପାଲିରୁ ଲିମଛୋଡ ମଧ୍ୟରେ ପ୍ରବାହିତ ଝାଇଁଜୋର ନାଳଠାରେ ବିଜୁ ସେତୁ ଯୋଜନାରେ ଏକ ବ୍ରିଜ୍‌ର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦାନ କରି ଶୀଳାନ୍ୟାସ କରିଥିଲେ। ଝାଇଁଜୋର ନାଳରେ ବ୍ରିଜ ହେବାଫଳରେ ଅଞ୍ଚଳର ସାତଟି ଗ୍ରାମର ଚାଷୀ, ବ୍ୟବସାୟୀ, ଜନସାଧାରଣ ସୁବିଧାରେ ଯାତାୟାତ କରିପାରିବେ। ଏହି ଅବସରରେ ଭେଡେନ ବ୍ଲକ ବିଜୁ ଜନତା ଦଳରର ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସମ୍ମାନିତ ଅତିଥିଭାବରେ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି ଜିଲ୍ଲାପରିଷଦ ସଭ୍ୟ /ସଭ୍ୟା ପଦ୍ମିନୀ ଗଡ଼ତିଆ, ପିଙ୍କି ବଢେଇ, ସତ୍ୟଜିତ ପୁରୋହିତ, ସରପଞ୍ଚ କେଏରି ଦୀପ, ଜନ୍ମେଞ୍ଜୟ ମିଶ୍ର, ଅର୍ଜୁଣ୍ଡା ସରପଞ୍ଚ ସୁରେନ୍ଦ୍ର କର୍ମୀ, କଏରି ଦୀପ, ସସ୍ମିତା ହୋତା, ସମିତି ସଭ୍ୟା ସୁଧାଞ୍ଜଳି ମେହେର, ବୁଧୁରାମ ଭୁଏ, ଡାକ୍ତର କର୍ଣ୍ଣ, କୃଷ୍ଣଚନ୍ଦ୍ର ସେଠ, ମହିଳା ବିଜୁଜନତା ଦଳ ସଭାନେତ୍ରୀ ନମିତା ସୁନା ପ୍ରମୁଖ ଯୋଗଦାନ କରିଥିଲେ।



**ଅଧିକାଂଶ ସିସିଟିଭି କ୍ୟାମେରା ଖରାପ**

# ଘରୋଇ ସିସିଟିଭି ଭରସାରେ ପୁଲିସ

**ବରଗଡ଼, ୨।୩(ସମିସ)**

ଦିନକୁ ଦିନ ବରଗଡ଼ ଲୁଟେରାଙ୍କ ଗଡ଼ ପାଲଟୁଥିବା ବେଳେ ପୁଲିସ ପ୍ରଶାସନ ତରଫରୁ ଅସାମାଜିକ ତତ୍ୱଙ୍କ ଉପରେ ସେପରି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ବରଗଡ଼ରେ ବିଶେଷ କରି ସହରକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାରେ ଲୁଟେରାଙ୍କ ଦୌରାତ୍ମ୍ୟକୁ ନେଇ ଜନସାଧାରଣ ଅତିଷ୍ଠ ହୋଇପଡୁଛନ୍ତି। ଏପରିକି ଦିନ ଦ୍ୱିପହରରେ ଲୁଟ, ଚୋରି ଆଦି ଘଟଣା ବଢ଼ି ଚାଲୁଥିବା ବେଳେ ପୁଲିସ ଅନ୍ଧାରରେ ବାଡି ବୁଲାଉଛି। ସେହିପରି ସହରରେ ଲାଗିଥିବା ବହୁ ସିସିଟିଭି ଅକାମୀ ହୋଇପଡ଼ିଥିବା ବେଳେ ଲୁଟ୍ ଘଟଣା ପରେ ପୁଲିସ ଘରୋଇ ବ୍ୟବସାୟ ପ୍ରତିଷ୍ଠାନର ସିସିଟିଭି ଉପରେ ଭରସା କରି ତଦନ୍ତ କରୁଥିବା ଦୃଷ୍ଟିଗୋଚର ହେଉଛି। ନିଛାଟିଆ ରାସ୍ତାର ସୁଯୋଗ ନେଇ ଲୁଟେରାମାନେ ଦିନ ଦିପହରରେ ଜନସାଧାରଣ ବିଶେଷକରି ଛାତ୍ରଛାତ୍ରୀଙ୍କ ମୋବାଇଲଠାରୁ ଆରମ୍ଭ କରି ଟଙ୍କା ପଇସା ଆଦି ଲୁଟ କରିବାକୁ ପଛାଉ ନାହାନ୍ତି। ପୁଲିସ ପ୍ରଶାସନ ଅପରାଧିକ କାର୍ଯ୍ୟକଳାପ ରୋକିବା



ପାଇଁ ବରଗଡ଼ ସହରର ବିଭିନ୍ନ ଛକରେ ସିସିଟିଭି ଲଗାଇଛି। ତେବେ ବିଭିନ୍ନ ଛକରେ ଲାଗିଥିବା ବହୁ ସିସିଟିଭି ଅଚଳ ହୋଇ ପଡ଼ିଥିବା ବେଳେ ପୁଲିସ ଏବେ ଘରୋଇ ପ୍ରତିଷ୍ଠାନରେ ଲାଗିଥବା ସିସିଟିଭି ଭରସାରେ ରହିଛି। ଗତ ଶୁକ୍ରବାର ବରଗଡ଼ ଏସ୍‌ପି ଛକ ନିକଟରେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ ଝାମ୍ପି ନେଇଥିଲେ। ଦିନ ଦ୍ୱିପହରରେ ଏପରି ଘଟଣା ଘଟିଥିବା ବେଳେ ବରଗଡ଼ ପୁଲିସ ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚକରି ଅପରାଧିମାନଙ୍କ ତଥ୍ୟ ସଂଗ୍ରହ କରୁଥିବା ଜଣାପଡ଼ିଛି। ଗତ ଧନୁଯାତ୍ରା ସମୟରେ ବରଗଡ଼ ସହରର ବିଭିନ୍ନ ଛକରେ ପୁଲିସ ପ୍ରାୟ ୭୫ ଟି ସିସିଟିଭି ଲଗାଇ ଅପରାଧିକ ଗୋଷ୍ଠୀ ଉପରେ ତୀକ୍ଷଣ ନଜର ରଖିଥିଲା। ଧନୁଯାତ୍ରା ସରିବା ପରେ ବହୁ ସ୍ଥାନରେ ସିସିଟିଭି ଖୋଲି ଦିଆଯାଇଛି। ବର୍ତ୍ତମାନ ସହରରେ ଯାହା କିଛି ସିସିଟିଭି ଏବେ ଲାଗିଛି ସେଥିମଧ୍ୟରୁ ଅଧିକାଂଶ ଅଚଳ ହୋଇପଡ଼ିଥିବା ଜଣାପଡ଼ିଛି। ଯାହାକୁ ନେଇ ସହରର ମୁଖ୍ୟ ରାସ୍ତା ହେଉ ଅବା ବିଭିନ୍ନ ପଡ଼ାରେ ଲୁଟ ରାହାଜାନି ପରି ଘଟଣା ଘଟିଲେ ପୁଲିସ ବ୍ୟବସାୟୀ ପ୍ରତିଷ୍ଠାନ କିମ୍ବା ଘର ମାନଙ୍କରେ ଲାଗିଥିବା ସିସିଟିଭି ଭରସାରେ ରହିବାକୁ ବାଧ ହେଉଛି। ଏପରି ସ୍ଥିତିରେ ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ଅଚଳ ସିସିଟିଭି ଠିକ୍ କରାଯିବା ସହ ପୁର୍ନବାର ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସିସିଟିଭି ଲଗାଇବା ଜରୁରୀ ହୋଇପଡ଼ିଛି। ନଚେତ ଦୁର୍ବୃତ୍ତମାନେ ଅନାୟସରେ ସହର ମଧ୍ୟରୁ ବହୁ ଅପରାଧିକ କାଣ୍ଡ ଭିଆଇ ଖସିଯିବାକୁ ସକ୍ଷମ ହେଉଥିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ; ୧ ଆହତ

**ପଦ୍ମପୁର, ୨।୩(ସମିସ):** ପଦ୍ମପୁର ଉପଖଣ୍ଡ ବିଜେପୁର ଥାନା ଅନ୍ତର୍ଗତ ବଲଣ୍ଡା ଗ୍ରାମର ଜକସନ୍ ବାରିକ (୭ବର୍ଷ) ଏବଂ ତାଙ୍କ ଭାଇ ଗୁଡୁ ବାରିକ ନିଜ ଚାଷ ଜମିର ହିଡ଼ ଉପରେ ସଂନ୍ଧ୍ୟା ସମୟରେ ଛିଡା ହୋଇଥିବା ବେଳେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜକସନ୍ ବାରିକଙ୍କ ମୃତ୍ୟୁ ଘଟିଥିଲା। ତା ଭାଇ ଗୁଡୁ ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଗାୟତ୍ରୀ ଦୀପ ମହାଯଜ୍ଞ

**ପଦ୍ମପୁର, ୨।୩(ସମିସ):** ପଦ୍ମପୁର କୁଡ଼ାସିଂହା ଗ୍ରାମରେ ଗାୟତ୍ରୀ ଦିପ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ଶାନ୍ତି କୁଞ୍ଜ ପ୍ରଭାରୀ ଶେଷଦେବ ବଢେଇଙ୍କ ପ୍ରତିନିଧିତ୍ୱରେ ସମ୍ବଲପୁର ସହ ସଂଯୋଜକ ପ୍ରଫୁଲ୍ଲ କୁମାର ନାଏକ, ରଘୁମଣୀ ଦାଶ, ଅଶ୍ୱିନୀ କୁମାର ସାହୁ ଙ୍କ ଉପସ୍ଥିତରେ ଏହା ସମାପନ ହୋଇଥିଲା। ଏହି ଦୀପ ମହାଯଜ୍ଞରେ ଗାୟତ୍ରୀ ପରିବାରର କର୍ମକର୍ତ୍ତା ରଘୁମଣୀ ଦାଶ, ରବୀନ୍ଦ୍ର ଦାଶ, ଯିତେନ ଦାଶ, କମଲାବଲ୍ଲଭ ଦାଶ, ଗୀତାଞ୍ଜଳି ଦାଶ, ମମତା ଦାଶ, ଦୀପାଞ୍ଜଳି ଦାଶ ତଥା କୁଡାସିଂହା ଗ୍ରାମବାସୀ ସହଯୋଗ କରିଥିଲେ।

## ବୁରୋମୁଣ୍ଡାରେ ପ୍ରାକୃତିକ କୃଷି ସଚେତନତା

**ବରପାଲି, ୨।୩(ସମିସ):** ବରପାଲି ବ୍ଲକ ପାଟକୁଲୁଣ୍ଡା ବୁରୋମୁଣ୍ଡାରେ ପ୍ରାକୃତିକ କୃଷି ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବରଗଡ଼ ଗମ୍ଭାରିପାଲି କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡ.ନୃସିଂହଚରଣ ବାରିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗୃହ ବୈଜ୍ଞାନିକ ସୁଶ୍ରୀତା ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥି ମାନେ ଜିବାମୃତା, ବିଜାମୃତ, ଗୋମୁତ୍ରରେ ପ୍ରସ୍ତୁତ କୀଟନାଶକ ବ୍ୟବହାର ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅବସରରେ ଜୈବିକ ପଦ୍ଧତିର ଚାଷକାର୍ଯ୍ୟର ପଦ୍ଧତି ସହ ମୁଖ୍ୟ ତାତ୍ପର୍ଯ୍ୟ, ସ୍ୱାସ୍ଥ୍ୟରକ୍ଷା, ଜମି ସୁରକ୍ଷା ଓ ପରିବେଶ ସମ୍ପର୍କିତ ବିଷୟ ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ପୁରୁଷ ଏବଂ ମହିଳା ଚାଷୀ ଉପସ୍ଥିତ ଥିଲେ।

## ପରରାଁପାଟରେ ମୁଖ୍ୟମନ୍ତ୍ରୀ ସଭାଗୃହ ଲୋକାର୍ପିତ



**ବରଗଡ଼, ୨।୩(ସମିସ):** ବରଗଡ଼ ସଦର ବ୍ଲକ ବରାହଗୋଡ଼ା ପଞ୍ଚାୟତ ପରରାଁପାଟ ଠାରେ ବହୁ ପ୍ରତିକ୍ଷିତ ମୁଖ୍ୟମନ୍ତ୍ରୀ ସଭାଗୃହ ଶନିବାର ଲୋକାର୍ପିତ ହୋଇଯାଇଛି। ଭାରପ୍ରାପ୍ତ ସରପଞ୍ଚ ଶରତ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବରଗଡ଼ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଡି ବିଶ୍ୱନାଥ ଯୋଗଦେଇ ନବନିର୍ମିତ ସଭାଗୃହ ପରିଦର୍ଶନ କରି ଜନସାଧାରଣଙ୍କୁ ରାଜ୍ୟର ବିକାଶ ପ୍ରକ୍ରିୟାରେ ସାମିଲ ହେବାପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ଉମା ଚରଣ ରାଉତ, ପଦ୍ମଲୋଚନ ପ୍ରଧାନ, ବରିଷ୍ଠ ବିଜେଡି ନେତା ଅରବିନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପରରାଁପାଟ ମନ୍ଦିର ନିକଟରେ ଏପରି ଏକ ସାମୂହିକ ବ୍ୟବହାର ଉପଯୋଗୀ ଗୃହ ନିର୍ମାଣ ହେବା ଫଳରେ ବରାହଗୋଡ଼ା ପଞ୍ଚାୟତବାସୀ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରି ସମ୍ବର୍ଦ୍ଧିତ କରିଥିଲେ।

## ରାଜଧାନୀକୁ ସକାଳୁଆ ଟ୍ରେନ୍ ଦାବି

**ବରଗଡ଼, ୨।୩( ସମିସ):** 'ସକାଳ'ରେ ବରଗଡ଼-ଭୁବନେଶ୍ୱରକୁ ସକାଳୁଆ ଟ୍ରେନ୍ ଚଳାଚଳ ସମ୍ପର୍କିତ ଖବର ପ୍ରକାଶିତ ହୋଇଥିଲା। ଗତକାଲି ଏହି ଖବର ପ୍ରକାଶ ପାଇବା ପରେ ବରଗଡ଼ ରେଳ ଉପଭୋକ୍ତା ସଂଘର କିଛି ସଦସ୍ୟ ସମ୍ବଲପୁରକୁ ଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ସାକ୍ଷାତ କରି ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନକୁ ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବାକୁ ଅନୁରୋଧ କରିଥିଲେ। ପୂର୍ବତଟ ରେଳପଥ କାର୍ଯ୍ୟାଳୟରେ ଏହାକୁ କାର୍ଯ୍ୟକାରୀ କରିବା ସମ୍ପର୍କରେ ଚାଲିଥିବା ଯୋଜନା ସମ୍ବନ୍ଧିତ ପତ୍ର ସହିତ ଏକ ନିବେଦନ ପତ୍ର ଦିଆଯାଇ ଏହା ଉପରେ ବିଶଦ ଆଲୋଚନା ହୋଇଥିଲା। ଉକ୍ତ ପତ୍ରରେ ପୂର୍ବତଟ ରେଳପଥର ଏକ ବିଭାଗ (ପରିଚାଳନ ବିଭାଗ) ଅନ୍ୟ ଏକ ବିଭାଗ (ଯାନ୍ତ୍ରିକ ବିଭାଗ) କୁ ସମ୍ବଲପୁର ପୁରୀ ଇଣ୍ଟରସିଟିକୁ ଦୁଇ ରେକ ବିଶିଷ୍ଟ କରି ତଥା ସମ୍ବଲପୁର ପରିବର୍ତ୍ତେ ପୁରୀରେ ୱାସିଂ ଓ ରକ୍ଷଣାବେକ୍ଷଣ କରି ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ପ୍ରସ୍ତାବ ଦେଇଛି। ତେଣୁ, ଲୋକଙ୍କ ସୁବିଧା ପାଇଁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଶ୍ରୀ ପ୍ରଧାନଙ୍କୁ ନିବେଦନ କରାଯାଇଥିଲା। ମନ୍ତ୍ରୀ ଏହା ଉପରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏହି ପ୍ରତିନିଧି ଦଳରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପ ସଭାପତି ସର୍ଦ୍ଦାର ପ୍ରିତମ ସିଂହ ଓ ସମ୍ପାଦକ କମଳ ଯୋଶୀ ରହିଥିଲେ। ବରଗଡ଼ ଜିଲ୍ଲା ବିଜେପି ସଭାପତି ଅଶ୍ୱନୀ ଷଡ଼ଙ୍ଗୀଙ୍କ ପରାମର୍ଶ କ୍ରମେ ଡ. ଅରୂପାନନ୍ଦ ସାହୁ ପ୍ରମୁଖ ଯାଇ ସାକ୍ଷାତ କରିଥିଲେ।

## ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ

**ଅତାବିରା, ୨।୩(ସମିସ):** ଶନିବାର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅତାବିରାଠାରେ ପ୍ରାଥମିକ ଶିକ୍ଷକ ସଂଘ ଅତାବିରା ତରଫରୁ ଏକ ଶିକ୍ଷା ସମ୍ମିଳନୀ ସହ ଜିଲ୍ଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ଥିଲେ। ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ବରଗଡ଼ର ଅଧ୍ୟକ୍ଷ ରଜନୀକାନ୍ତ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଶିକ୍ଷା ସମ୍ମିଳନୀ ମଞ୍ଚରେ ମଞ୍ଚାସିନ ଥିଲେ ଅତାବିରା ଗୋଷ୍ଠୀ ଶିକ୍ଷାଧିକାରୀ ମିଶ୍ରାଣି କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକ ବାଗ, ତପନ କୁମାର ଦାସ ଏବଂ ରବୀନ୍ଦ୍ର କୁମାର ସାହୁ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଶିକ୍ଷା ସମ୍ମିଳନୀର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସିଆର୍‌ସିସି. ରଞ୍ଜନ ବାଗ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କରେ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଥିଲେ ଜିଲ୍ଲା ସାଧନ କର୍ମୀ ତଥା ସିଆରସିସି ନନ୍ଦିଘୋଷ ଭୁଏ। ଏହାସହ ଅତାବିରା ବ୍ଲକ ଯେଉଁ ବିଦ୍ୟାଳୟ ଓ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିଲେ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।



## ରକ୍ତଦାନ ଶିବିର, ୫୬ ୟୁନିଟ୍ ସଂଗ୍ରହ

**ବରଗଡ଼, ୨।୩(ସମିସ):** ବରଗଡ଼ ସଦର ବ୍ଲକ ଚକରକେନ୍ଦ ଡିଗ୍ରୀ କଲେଜରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କଲେଜର ଯୁବ ରେଡକ୍ରସ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ୫୬ ୟୁନିଟ ରକ୍ତ ସଂଗୃହ ହୋଇଥିଲା। କଲେଜର ଅଧ୍ୟକ୍ଷ କାର୍ତ୍ତିକେୟ ସାଥିଆଙ୍କ ସମେତ ମୁଖ୍ୟ ଅତିଥି ସମାଜସେବୀ ରବୀନ୍ଦ୍ର ଅଗ୍ରୱାଲ, ଗୋପାଲ ଅଗ୍ରୱାଲ, ଚୁମ୍ବେଲାଲ ଭୋଇ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରକାଶ ଭୋଇ, କପିଳାସ ଭୋଇ, ଯୋଗେଶ ଶାସ୍ତ୍ରୀ, ପ୍ରମୋଦ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ରେଡକ୍ରସ ୟୁନିଟର କାଉନସିଲର ସୁଶୀଲ ବାରିକ, ଗଙ୍ଗଦେବ ଖମାରୀ, ଶଙ୍କର୍ଷଣ ପ୍ରଧାନ, ହରିବୋଲ ପ୍ରଧାନ, ପୂର୍ବତନ ଛାତ୍ର କୁଶ ପ୍ରଧାନ ସହଯୋଗ କରିଥିଲେ।



## ସର୍ଲା ଆନ୍ଧ୍ରପଡ଼ାରେ ଗୋଷ୍ଠୀ ସାଧନକେନ୍ଦ୍ର ଉଦ୍‌ଘାଟିତ

**ବରଗଡ଼, ୨।୩(ସମିସ):** ବରଗଡ଼ ସଦର ବ୍ଲକ ନୁନିଆ ଜାମପାଲି ପଞ୍ଚାୟତ ସର୍ଲା ଆନ୍ଧ୍ରପଡ଼ାଠାରେ ନବ ନିର୍ମିତ କମ୍ୟୁନିଟି ସେଣ୍ଟର୍ ଶନିବାର ଲୋକାର୍ପିତ ହୋଇଛି। ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନବନିର୍ମିତ ଭବନର ଲୋକାର୍ପଣ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବରଗଡ଼ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଡି ବିଶ୍ୱନାଥ ଯୋଗ ଦେଇ ସ୍ଥାନୀୟ ଲୋକଙ୍କ ସହିତ ଭାବ ବିନିମୟ କରିବା ସହ ନବୀନ ପଟ୍ଟନାୟକ ବିକାଶର ପ୍ରତୀକ ବୋଲି ଉଲ୍ଲେଖ କରି ରାଜ୍ୟର ବିକାଶ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ।। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସରପଞ୍ଚ ସୁ ରାୟ, ସମିତି ସଭ୍ୟ



ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ସମେତ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅଞ୍ଚଳବାସୀ ଏକ କମ୍ୟୁନିଟି ସେଣ୍ଟର୍ ନିର୍ମାଣ ସକାଶେ ଦାବି କରି ଆସୁଥିବାବେଳେ ବିଧାୟକ ଆଚାର୍ଯ୍ୟଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇ ପାରିଥିବାରୁ ଜନସାଧାରଣ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ପର୍ଯ୍ୟବେକ୍ଷକ ଡି ବିଶ୍ୱନାଥଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ବୁଣାକାର ସୁବିଧାକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

**ବରପାଲି, ୨।୩(ସମିସ) :** ବରପାଲି ବ୍ଲକ ବନ୍ଧପାଲି ଗ୍ରାମରେ ଏକ ବୁଣାକାର ସୁବିଧାକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ଦ୍ୱାରା ହୋଇଯାଇଛି। ବରପାଲି ଇଡିଆଇଆଇର ଏଚ୍‌ଏମ୍‌ଆଇ ପ୍ରୋଜେକ୍ଟ ଓ ଏମସିଏଲ ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମଟି ବନ୍ଧପାଲି ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ବୟନଶିଳ୍ପ ମନ୍ତ୍ରୀ ଯୋଗଦେଇ ବୁଣାକାର କମ୍ୟୁନିଟି ସେଣ୍ଟର ଭୂମିପୁଜନ କରିଥିଲେ। ଏଚ୍‌ଏମ୍‌ଆଇ ପ୍ରକଳ୍ପ ଇଡିଆଇଆଇ କ୍ଲଷ୍ଟର ନୋଡାଲ ଅଧିକାରୀ ବିଷ୍ଣୁପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ବୁର୍ଲା ଏମ୍‌ସିଏଲ ସାଧାରଣ ପରିଚାଳକ ଆର୍‌କେ ପାଣିଗ୍ରାହୀ, ସାଂସଦ ସୁରେଶ ପୂଝାରୀ, ଏଡିଟି ବରଗଡ଼ ଏସଏଆରସିଏସ ଶରତଲାଲ ସିଂ, ଶିଶୁମନ୍ଦିର ଭୂମିଦାତା ବରିଷ୍ଠ ସମାଜପତି ମୋତିଲାଲ ଅଗ୍ରୱାଲା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ବାନ୍ଧଶିଳ୍ପୀ ସନ୍ଥକବିର କ୍ଷେତ୍ର ମୋହନ ମେହେର, ସନ୍ଥକବିର ଡ. ସୁରେନ୍ଦ୍ର ମେହେର, ପ୍ରଫୁଲ୍ଲ ମେହେର, ରାମପ୍ରସାଦ ମେହେର ପ୍ରମୁଖଙ୍କୁ ତାଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଦୁତିଆ ମେହେର ବିବରଣୀ ଉପସ୍ଥାପନ କରିଥିବାବେଳେ ବାନ୍ଧଶିଳ୍ପୀ ରାମପ୍ରସାଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




## ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଯୋଗଦେଲେ ପ୍ରହଲ୍ଲାଦ

**ବରଗଡ଼, ୨।୩(ସମିସ):** ଶନିବାର ବରଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ପ୍ରହଲ୍ଲାଦ ଖୋସଲା ଯୋଗ ଦେଇଛନ୍ତି। ପୂର୍ବରୁ ସେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ବରଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିବା କଲ୍ୟାଣୀ ଦାସଙ୍କ ପଦୋନ୍ନତି ହେବା ସହ ସମ୍ବଲପୁର ଜିଲ୍ଲାକୁ ବଦଳି ହୋଇଥିଲା। ଯାହାକୁ ନେଇ ତାଙ୍କ ସ୍ଥାନରେ ଶ୍ରୀ ଖୋସଲାଙ୍କୁ ନିଯୁକ୍ତି ଦିଆଯାଇଛି। ଶନିବାର କାର୍ଯ୍ୟରେ ଯୋଗଦାନ ପରେ ଶ୍ରୀ ଖୋସଲା ପ୍ରଥମେ ଜିଲ୍ଲା ସୂଚନା କେନ୍ଦ୍ର ଓ ପାଠାଗାର ପରିଦର୍ଶନ କରି ପାଠାଗାର ସମ୍ପର୍କିତ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଏ ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲ୍ଲା ସୂଚନା କେନ୍ଦ୍ର ଓ ପାଠାଗାରର ସମସ୍ତ ପାଠକ ପାଠିକା ନୂତନ ଭାବେ କାର୍ଯ୍ୟରତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଖୋସଲାଙ୍କୁ ଅଭିନନ୍ଦନ ଜଣାଇଥିଲେ।



**ସାଇକଲରେ ଭାରତ ଭ୍ରମଣ**

# ନନ୍ଦିଘୋଷଙ୍କୁ ସ୍ୱାଗତ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି




**ବରଗଡ଼, ୨।୩ (ସମିସ)**

ବରଗଡ଼ ଜିଲ୍ଲା ଭଟଲି ବ୍ଲକ ନୂଆଁଗଡ଼ ଅନ୍ତର୍ଗତ ବାଲିଯୁରୀ ଗ୍ରାମର ନନ୍ଦିଘୋଷ ଖମାରୀ(୨୪)। ସାଇକଲରେ ସାରା ଭାରତ ଭ୍ରମଣ କରି ପରିବେଶ ସୁରକ୍ଷା ବାର୍ତ୍ତା ପ୍ରେରଣ ପାଇଁ ନୂଆଗଡ଼ ଗାଁରୁ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ। ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବାଲିଯୁରୀ ଓ ନୂଆଁଗଡ଼ ଗ୍ରାମବାସୀ ତଥା ସେ ଅଧ୍ୟୟନ କରିଥିବା ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆ ଯିବାର କାର୍ଯ୍ୟକ୍ରମ ରହିଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ଦୀର୍ଘ ୫୪୪ ଦିନ ଯାତ୍ରା କରିବା ପରେ ଛତିଶଗଡ଼ ଦେଇ ଆଜି ଓଡ଼ିଶାରେ ପହଞ୍ଚିଥିଲେ। ସନ୍ଧ୍ୟାରେ ସୁନ୍ଦରଗଡ଼ରେ ରାତ୍ରି ଯାପନ କରି ସକାଳୁ ବରଗଡ଼ ଅଭିମୁଖେ ପୁଣି ତାଙ୍କ ସାଇକଲ ଯାତ୍ରା ଆରମ୍ଭ କରିବେ। ସାରା ଭାରତ ବର୍ଷ ରେ ବୁଲି ବୁଲି ସ୍କୁଲ କଲେଜର ଛାତ୍ର ଛାତ୍ରୀ ତଥା ଜନ ସାଧାରଣଙ୍କୁ ପରିବେଶ ଉପରେ ସଚେତନ କରିବା ସହ ବ୍ୟାପକ ପରିମାଣରେ ଚାରାରୋପଣ କରିବାକୁ ନିବେଦନ କରିଥିଲେ। ତାଙ୍କର ଏହି ଭାରତ ଭ୍ରମଣ ଯାତ୍ରା ଖବର ପାଇଲା ପରେ ନନ୍ଦିଘୋଷଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟୁଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ ଜିଲ୍ଲା ବିଜେଡି ସଭାପତି ଡ.ପ୍ରଭାସ ସିଂ, ଜର୍ଣ୍ଣାଲିଷ୍ଟ ଏସଆସିଏସନ ଅଫ୍ ବରଗଡ଼ର ସଭାପତି ରବିନାରାୟଣ ପଣ୍ଡା, ଡିଷ୍ଟ୍ରିକ୍ଟ ପ୍ରେସ୍ କ୍ଲବ ସଭାପତି ସତ୍ୟଜିଦ ଦାଶ, ଜିଲ୍ଲା ଖବରକାଗଜ ବିତରକ ସଂଘ ସଭାପତି ଦେବନାରାୟଣ ଦାଶ, ବିଜେଡି ନେତ୍ରୀ ନିହାରିକା ଗିରି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ବାଳିକା ହାଇସ୍କୁଲରେ କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା

**ବରପାଲି, ୨।୩ (ସମିସ):** ବରପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଛି। ବରଗଡ଼ ଜିଲ୍ଲାସ୍ତରୀୟ ବିଜୁ କନ୍ୟାରତ୍ନ ମେଳାରେ ବରପାଲି ବ୍ଲକର ତିନିଜଣ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବରପାଲି ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଉତ୍ସବଟି ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ପରିଚାଳନା କମିଟି ସଭାପତି ଲଳିତ କୁମାର ମେହେର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ନାରାୟଣ ଭୋଏଙ୍କ ଅଧ୍ୟକ୍ଷତାରେ ଉତ୍ସବଟି ପରିଚାଳିତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିଭାଗ ସିଆରସିସି ସଞ୍ଜୟ ସାହୁ, ସହକାରୀ ଶିକ୍ଷକ ବିଭୁତି ଭୂଷଣ ମେହେର, ମନୋଜ କୁମାର ବଢେଇ, ଚୈତନ୍ୟ ଲୁହା, ଗୋବର୍ଦ୍ଧନ ସାହୁ, ଜଗବନ୍ଧୁ ସାହୁ, ଶିକ୍ଷୟିତ୍ରୀ ସସ୍ମିତା ପୁରୋହିତ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ପାଇକମାଳ ମାତୃନିକେତନ ପରିସରରେ ଆୟୋଜିତ ବିଜୁ କନ୍ୟାରତ୍ନ ମେଳାରେ ସଫଳତା ଅର୍ଜନ କରିଥିବା ବାଳିକା ହାଇସ୍କୁଲର ସଂଗିତ ପ୍ରତିଯୋଗିତା ପ୍ରିତି ମିଶ୍ର, ଏକକ ନୃତ୍ୟରେ ନିଳିମା କୁଅଁର ଏବଂ କଟାପାଲି ବିଶାଖା ଦାଶ ନୋଡାଲ ହାଇସ୍କୁଲ ଏକକ ଅଭିନୟ ଛାତ୍ରୀ ସ୍ୱପ୍ନା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବରପାଲି ବ୍ଲକର ୭ଜଣ ଛାତ୍ରୀ ଶିକ୍ଷୟିତ୍ରୀ ସୁବର୍ଣ୍ଣ ମେହେର, ଆଶ୍ରିତା ଏକ୍କା ଓ ସିଆରସିସି ସଞ୍ଜୟ ସାହୁଙ୍କ ତତ୍ତ୍ୱାଧାନରେ ଉକ୍ତ ମେଳାରେ ଭାଗ ନେଇଥିଲେ।



# ସମ୍ବଲପୁରରେ ଟ୍ରାଫିକ୍ ବ୍ୟବସ୍ଥା ଶୋଚନୀୟ





**ସମ୍ବଲପୁର, ୨।୩(ସମିସ)**

ସତେ ଯେମିତି ସାଧାରଣ ଜନତାଙ୍କ ଜୀବନର କିଛି ମୂଲ୍ୟ ନାହିଁ। ଦୁର୍ଘଟଣା ଏଡ଼ାଇବା ପାଇଁ ପୁଲିସ କିମ୍ବା ପ୍ରଶାସନ ସଚେତନତା ସୃଷ୍ଟି କରିବା ପାଇଁ ଆଦୌ ଇଚ୍ଛୁକ ନୁହେଁ। ଜିଲ୍ଲାର ସଚେତନ ନାଗରିକ ଏବେ ଏହି ପ୍ରସଙ୍ଗ ଉପରେ ମୁହଁ ଖୋଲିବା ଆରମ୍ଭ କଲେଣି। ଗତ ୩ ଦିନ ତଳେ ଚାଉଁରପୁର ବ୍ରିଜ ଉପରେ ହୋଇଥିବା ଦୁର୍ଘଟଣା ପରେ ବେପରୁଆ ଗାଡ଼ି ଚାଳନା ଉପରେ ପ୍ରଶ୍ନ ଉଠିଛି। ବହୁ



**ବେପରୁଆ ଗାଡ଼ି ଚାଳନା ସାଙ୍ଗକୁ ବେଆଇନ ପାର୍କିଂ**

**ଗୋଟିଏ ପରେ ଗୋଟିଏ ଗଡ଼ୁଛି ମୁଣ୍ଡ**

ଅନଭିଜ୍ଞ ଚାଳକ ରାସ୍ତା ଉପରେ ବାଇକ, କାର ଚଳାଇ ଯାଉଥିବା ବେଳେ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ଭୟ ରହୁଛି। ଦୁର୍ଘଟଣାରେ ବହୁ ନିରିହ ଲୋକଙ୍କ ଜୀବନ ଯାଉଥିବା ବେଳେ ବହୁ ଲୋକ ଅକର୍ମଣ୍ୟ ହୋଇ ତାଙ୍କ ପରିବାର ଉଜୁଡ଼ି ଯାଉଥିବାରୁ ସୁରକ୍ଷିତ ଗାଡ଼ି ଚାଳନା ଉପରେ ପ୍ରଶାସନ କଠୋର ପଦକ୍ଷେପ ନେବା ଆବଶ୍ୟକତା ରହିଛି।

କେବଳ ଔପଚାରିକତା ଦୃଷ୍ଟିରୁ ପରିବହନ ବିଭାଗ ଓ ପୁଲିସ ସଡ଼କ ସୁରକ୍ଷା ସପ୍ତାହ ଭଳି କାର୍ଯ୍ୟକ୍ରମ କରି ତାଙ୍କ କାମ ସାରି ଦେଉଥିବା ବେଳେ ପ୍ରକୃତ ପକ୍ଷେ ଦୁର୍ଘଟଣା କିଭଳି ନିୟନ୍ତ୍ରଣ କରାଯିବ ତାର କୌଣସି ଠୋସ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ଉଠିଛି।

## ରାସ୍ତା ଅବରୋଧ ଓ ବେଆଇନ ପାର୍କିଂ

ସମ୍ବଲପୁର ସହର ମଧ୍ୟରେ ଟ୍ରାଫିକ ନିୟମ କେହି ପାଳନ ନକରିବା ଦ୍ୱାରା ବିପଦକୁ ସମସ୍ତେ ବରଣ କରୁଛନ୍ତି। ସହର ବୃଦ୍ଧି ସାଙ୍ଗକୁ ଯାନବାହନର ସଂଖ୍ୟା କାହିଁରୁ କାହିଁ ବଢ଼ି ଯାଇଥିବାରୁ ରାସ୍ତା ଗହଳି ହେବା ସ୍ୱାଭାବିକ। ଏପଟେ ସହର ମଧ୍ୟରେ ବଡ଼ ବଡ଼ ସପିଂମଲ୍, ହୋଟେଲ, ବ୍ୟାଙ୍କ, ଅଫିସ ଥିବା ବେଳେ ସେଠାକୁ ଆସୁଥିବା ଗ୍ରାହକଙ୍କ ଗାଡ଼ି ପାଇଁ କୌଣସି ପାର୍କିଂ ବ୍ୟବସ୍ଥା ନଥିବାରୁ ରାସ୍ତା ଉପରେ ସେମାନେ ତାଙ୍କ ଗାଡ଼ି ପାର୍କିଂ କରିବାକୁ ବାଧ୍ୟ ହେଉଛନ୍ତି।

## ମୃତ୍ୟୁର ଦ୍ୱାର ପାଲଟିଛି ଜାତୀୟ ରାଜପଥ

ସମ୍ବଲପୁର ଦେଇ ଯାଇଥିବା ଜାତୀୟ ରାଜପଥ ଗୁଡ଼ିକ ସବୁବେଳେ ବିପଦ ସଂକୁଳ ହୋଇ ପଡ଼ିଛି। ଜାତୀୟ ରାଜପଥ ସଂଯୋଗ କରୁଥିବା ଅଇଁଠାପାଲି ଛକ, ବରେଇପାଲି ଛକ, ରେମେଡ ଛକକୁ ଅତିକ୍ରମ କରିବା କଷ୍ଟକର ହୋଇ ପଡ଼ିଛି। ଏହି ରାସ୍ତାରେ ସାଧାରଣ ଜନତା, ମହିଳା, ବସଯାତ୍ରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ରାସ୍ତା ପାରି ହେଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଅଇଁଠାପାଲି ଛକ ଓ ବରେଇପାଲି ଛକ ସବୁଠାରୁ ବ୍ୟସ୍ତବହୁଳ ଛକ ହୋଇଥିବା ବେଳେ ଏଠାରେ ଟ୍ରାଫିକ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱୟଂଚାଳିତ ବ୍ୟବସ୍ଥା ମଧ୍ୟ ଏପର୍ଯ୍ୟନ୍ତ ହୋଇନାହିଁ। ମଦ୍ୟପ ଡ୍ରାଇଭର ମାନଙ୍କୁ ଯାଞ୍ଚ କରାଯିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା କରାଯାଉନାହିଁ।

## ସର୍ଭିସ ରାସ୍ତା ପାଲଟିଛି ପାର୍କିଂ ଅଞ୍ଚଳ

ସମ୍ବଲପୁର ରେମେଡ ଠାରୁ ଆରମ୍ଭ କରି ବରେଇପାଲି ଓ ଅଇଁଠାପାଲି ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ସର୍ଭିସ ରାସ୍ତାକୁ ପାର୍କିଂ ଅଞ୍ଚଳ ଭାବରେ ବ୍ୟବହାର କରାଯାଉଛି। ଏହି ରାସ୍ତା ଦେଇ ସହରର ଉଭୟ ପାର୍ଶ୍ୱରେ ଥିବା ଜନବସତିକୁ ଲୋକେ ଯାତାୟତ କରୁଥିବା ବେଳେ ଏହି ରାସ୍ତାରେ ଧାଡ଼ି ହୋଇ ଦିନରାତି ଭାରୀଯାନ ଅଟକି ରହୁଛି। ଏହି ରାସ୍ତାରେ ଥିବା ଗ୍ୟାରେଜ ଗୁଡ଼ିକ ରାସ୍ତା ଉପରେ ଟ୍ରକ ମରାମତି କରୁଥିବା ବେଳେ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଏଠାରେ ତାଙ୍କର ବ୍ୟବସାୟୀକ ଯାନବାହନ ରଖି ରାସ୍ତା ଅବରୋଧ କରୁଛନ୍ତି।

## ହାତ ଟେକି ବସିଛି ପୁଲିସ ଓ ପରିବହନ ବିଭାଗ

ସମ୍ବଲପୁର ସହରରେ ଟ୍ରାଫିକ ବ୍ୟବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ବେଳେ ଏହାକୁ ସୁଧାରିବା ପାଇଁ ଜିଲ୍ଲା ପରିବହନ ବିଭାଗ ଓ ପୁଲିସ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ହେଲମେଟ ପରିଧାନ ବାଧ୍ୟତା ମୂଳକ ହୋଇଥିଲେ ମଧ୍ୟ ବିନା ହେଲମେଟରେ ତିନିଜଣ ଆରୋହୀ ଅନାୟାସରେ ରାସ୍ତାରେ ଦ୍ରୁତ ଗତିରେ ଯାଉଛନ୍ତି। ଯାଞ୍ଚ ବ୍ୟବସ୍ଥା ମଧ୍ୟ ପ୍ରହସନ ପାଲଟି ଯାଇଛି। ଉଭୟ ବିଭାଗକୁ ମିଳୁଥିବା ଟାର୍ଗେଟ ଅନୁଯାୟୀ କେବଳ ଚଲାନ୍ କାଟି ଅଧିକାରୀ ମାନେ ଚୁପ୍ ରହି ଯାଉଥିବା ଅଭିଯୋଗ ହେଉଛି।

## ସ୍ପିଡ ବାଇକର୍ ଏବେ ମୁଣ୍ଡ ବ୍ୟଥାର କାରଣ

ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ସ୍ପିଡ୍ ବାଇକର ଏବେ ସମସ୍ତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛନ୍ତି। ଅତି ଅଳ୍ପ ବୟସର ଛାତ୍ରଛାତ୍ରୀ ବିନା ଲାଇସେନ୍ସରେ ସ୍ପିଡ ବାଇକ ଧରି ଘୁରି ବୁଲୁଛନ୍ତି। ଜାତୀୟ ରାଜପଥରେ ଏମାନେ ସନ୍ଧ୍ୟା ହେଲେ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁଛି। ବହୁ ଅଳ୍ପ ବୟସ ପିଲା ନିଶାଗ୍ରସ୍ତ ଅବସ୍ଥାରେ ମଧ୍ୟ ବାଇକ ଚାଳନା କରୁଛନ୍ତି।

# ଡିଜି ଅଚଳ, ବିଦ୍ୟୁତ କାଟ୍ ହେଲେ ବ୍ୟାଡ୍‌ମିଣ୍ଟନ ହଲ୍ ଅନ୍ଧାର

**ସମ୍ବଲପୁର, ୨।୩(ସମିସ):** ସମ୍ବଲପୁର ଜିଲ୍ଲା ବ୍ୟାଟ୍‌ମିଣ୍ଟନ ହଲରେ ବିଦ୍ୟୁତ୍ ବିଭ୍ରାଟ ହେଲେ ଅନ୍ଧାର ହୋଇଯାଉଛି। ଡିଜି ସେଟ ଥାଇ ମଧ୍ୟ ଅଚଳ ହୋଇପଡ଼ିଥିବାରୁ ଏହି ସମସ୍ୟା ଦେଖାଦେଇଛି। ଏହାକୁ ନେଇ ଖେଳାଳିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ପେ ଏଣ୍ଡ ପ୍ଲେ ନିୟମ ଲାଗୁ କରାଯାଇଛି। ସରକାରଙ୍କ ଅଧିନସ୍ଥ ବିଭିନ୍ନ କ୍ରୀଡ଼ାଙ୍ଗନରେ ଖେଳିବା ପାଇଁ ଏହି ଯୋଜନା ଲାଗୁ ହୋଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍ ପରିସରରେ ଅବସ୍ଥିତ ଇଣ୍ଡୋର ବ୍ୟାଟ୍‌ମିଣ୍ଟନ ହଲରେ ମଧ୍ୟ ଏହି ନିୟମ ଲାଗୁ କରାଯାଇଛି। ଏହି ପେ ଏଣ୍ଡ ପ୍ଲେ ନିୟମ ଆଧାରରେ ପ୍ରିପେଡ ଆକାରରେ ଖେଳ ଫି' ଦେବାକୁ ହେଉଛି। ପୂର୍ବରୁ ୫୦୦ ଟଙ୍କା ଥିଲାବେଳେ ନିୟମ ଲାଗୁ ହେଲାପରେ ଏହା ୧୦୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ସରକାର କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ଯୋଜନା ଘୋଷଣା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେତେକ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟୁଛି। ପ୍ରାୟ ଏକବର୍ଷ ହେବ ଡିଜେ ଏକବର୍ଷ ଅକାମୀ ହୋଇ ପଡ଼ିରହିଛି। ଡିଜେର ମରାମତି କି ସ୍ୱତନ୍ତ୍ର ବ୍ୟବସ୍ଥା କରୁ ନଥିବା ଦୁର୍ଭାଗ୍ୟର ବିଷୟ ହୋଇଛି। ସୂଚନାଯୋଗ୍ୟ, ଲାଇନ୍ ଚାଲିଗଲେ ସମ୍ପୂର୍ଣ୍ଣ ଭାବେ ବ୍ୟାଟ୍‌ମିଣ୍ଟନ ହଲ୍‌ଟି ଅନ୍ଧାର ହୋଇଯାଉଛି। କ୍ରୀଡ଼ା ପ୍ରତି ସମର୍ପଣ ଭାବ ରଖି ନିୟମିତ ଖେଳୁଥିବା ବରିଷ୍ଠ ବ୍ୟକ୍ତିମାନେ କ୍ରୀଡ଼ା ବିଭାଗ ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନକୁ ଏହି ଅଭାବନୀୟ ପରିସ୍ଥିତିର ସମାଧାନ ଦିଗରେ ଯତ୍ନବାନ ହେବାକୁ ସୂର୍ଯ୍ୟ ପାଣିଗ୍ରାହୀ ମଧ୍ୟ ଦାବି କରିଛନ୍ତି।

# ବିବସ୍ୱ ପାଣିଗ୍ରାହୀଙ୍କ ପରଲୋକ

**ମାନେଶ୍ୱର, ୨।୩(ସମିସ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନୁପାଲି ଭବାନୀଫିଲ୍ଡର ବିବସ୍ୱ ପାଣିଗ୍ରାହୀଙ୍କର ୮୧ବର୍ଷ ବୟସରେ ପରଲୋକ ହୋଇଛି। ବୁର୍ଲା ଭିମସାରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ଯୋଗାଣ ବିଭାଗ, କ୍ରୀଡ଼ା ବିଭାଗ ଓ ଯୁଯୁମୁରା ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଦାୟିତ୍ୱରେ ରହି ସେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ବିୟୋଗରେ ଛତାବର ଗ୍ରାମ ତଥା ଧନୁପାଲି ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସମ୍ବଲପୁର ରାଜଘାଟରେ ରୀତିନୀତି ମତେ ଆଜି ତାଙ୍କର ଅନ୍ତ୍ୟେଷ୍ଟି ସମ୍ପନ୍ନ ହୋଇଯାଇଛି। ଏକମାତ୍ର ପୁତ୍ର ଆଦିତ୍ୟ ପ୍ରସାଦ ପାଣିଗ୍ରାହୀ ମୁଖାଗ୍ନି ଦେଇଥଲେ। ସ୍ୱର୍ଗତ ପାଣିଗ୍ରାହୀଙ୍କର ବଡଭାଇ ଶ୍ରୀବସ୍ତ ପାଣିଗ୍ରାହୀ, ସାନ ଭାଇ ଗୀତିକାର ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ପୁତୁରା ବରିଷ୍ଠ ଆଇନଜୀବୀ ଲକ୍ଷ୍ମଣ ପାଣିଗ୍ରାହୀ, ସୂର୍ଯ୍ୟ ପାଣିଗ୍ରାହୀ, ନିଶିଥ ପାଣିଗ୍ରାହୀ, ନୃତ୍ୟଗୁରୁ ମହେଶ ପଟେଲ, ବିମଲ ପାଣିଗ୍ରାହୀ ତଥା ଛାତବର ଗ୍ରାମ, ଧନୁପାଲି ତଥା ସମ୍ବଲପୁରର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।



# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବୁର୍ଲା ବିଜେଡି କର୍ମକର୍ତ୍ତା

**ସମ୍ବଲପୁର, ୨।୩(ସମିସ):** ବୁର୍ଲା ଭିମସାର ଖେଳପଡ଼ିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ବୁର୍ଲା ଭିମସାରର ସମ୍ପ୍ରସାରଣ ପାଇଁ ୯୫୦ କୋଟି ଟଙ୍କାର ଶିଳାନ୍ୟାସ କରିଛନ୍ତି। ଏହାକୁ ନେଇ ସମ୍ବଲପୁର ଜିଲ୍ଲା ତଥା ବୁର୍ଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବୁର୍ଲା ବିଜୁ ଜନତାଦଳର ହଜାର ସଂଖ୍ୟାରେ ମହିଳା ଯୋଗଦାନ ଦେଇଥିଲେ। ବୁର୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲା ଉପସଭାପତି ଦେବାଶିଷ ନନ୍ଦ ଯୋଗଦେଇ ଭିମସାର ଚିକିତ୍ସା କ୍ଷେତ୍ରରେ ଆଉ ଏକ ପାଦ ଆଗକୁ ବଢ଼ିଛି। ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ଯୋଗୁଁ ଆଜି ଭିମସାରରେ ଚିକିତ୍ସା ସେବା ଉତ୍ତମ ହୋଇ ପାରିଛି। ଲୋକମାନେ ସୁବିଧାରେ ଔଷଧ ପାଇପାରୁଛନ୍ତି। ଭିତ୍ତିଭୂମିର ବିକାଶ ସହିତ ଏବେ ଡାକ୍ତର ପଦ ଗୁଡିକ ପୂରଣ ହେବ। ଯାହା ସ୍ୱାସ୍ଥ୍ୟସେବାରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କହିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଝାରୀଙ୍କୁ କୃତଜ୍ଞତା ଜଣାଇଥିଲେ।



## ୨ ଦିନିଆ ଜାତୀୟ ଫଳଚାଷ କର୍ମଶାଳା
# ହରିୟାନା ଗଲେ ୫ ଚାଷୀ




**ସମ୍ବଲପୁର, ୨।୩(ସମିସ):** ଆଗାମୀ ୪ ଏବଂ ୫ ତାରିଖ ହରିୟାନା କୁରୁକ୍ଷେତ୍ରରେ ଅନୁଷ୍ଠିତ ହେବାକୁ ଥିବା ଫଳ ଚାଷ ଜନିତ ୨ଦିନିଆ ଜାତୀୟ କର୍ମଶାଳା ଓ ତାଲିମ୍ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ପଶ୍ଚିମ ଓଡ଼ିଶାର ୫ଜଣ ଅଗ୍ରଣୀ ଚାଷୀ ଆଜି ଟ୍ରେନ୍ ଯୋଗେ କୁରୁକ୍ଷେତ୍ର ଯାତ୍ରା କରିଛନ୍ତି। ଉର୍ନ୍ନତ ପ୍ରଣାଳୀ ଫଳଚାଷ ଉପରେ କାର୍ଯ୍ୟ କରୁଥିବା ସମ୍ବଲପୁରର ଅଭିନବ କୃଷି ଅନୁଷ୍ଠାନ ଦ୍ୱାରା ଫଳ ଗବେଷଣା କେନ୍ଦ୍ର ଲଡୱା କୁରୁକ୍ଷେତ୍ର ସହାଭାଗୀତାରେ ଏହି କର୍ମଶାଳା ଅନୁଷ୍ଠିତ ହେବ। ଏହି ଜାତୀୟ କର୍ମଶାଳାରେ ସମ୍ବଲପୁରର ଚାଷୀ ଅଭିଳାଷ ପ୍ରଧାନ, ଜଟାଭୂଷଣ ସାହୁ, ବରଗଡ଼ର ଚାଷୀ ଜଟାଧାରୀ ପ୍ରଧାନ ଏବଂ ଅଭିଷେକ ଖମାରୀ ଓ ଝାରସୁଗୁଡ଼ାର ଚାଷୀ ସୁନୀଲ ପ୍ରଧାନ ରହିଛନ୍ତି। ଆଜି ଦିବା ୧୧ ଘଣ୍ଟା ସମୟରେ ଜମ୍ମୁ ତାବି ଏକ୍ସପ୍ରେସ୍ ଟ୍ରେନ ଯୋଗେ କୁରୁକ୍ଷେତ୍ର ଯାତ୍ରା କରିଛନ୍ତି। ଉନ୍ନତ ପଦ୍ଧତି ଆମ୍ବ, ଲିଚୁ, ସେଓ, ଡାଳିମ୍ବ ଆଦି ଫଳ ଚାଷ ସମ୍ପର୍କରେ ହେବାକୁ ଥିବା ଏହି ଜାତୀୟ କର୍ମଶାଳାରେ ଭାରତର ବିଭିନ୍ନ ପ୍ରଦେଶରୁ ଚାଷୀ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

# ବିଜେଡି ପକ୍ଷରୁ ଅସହାୟଙ୍କୁ ତାରପୋଲିନ ବଣ୍ଟନ

**ସମ୍ବଲପୁର, ୨।୩(ସମିସ):** ସମାଜିକ କର୍ମୀ ତଥା ବିଜେଡି ନେତା ହରଦିପ ସିଂହ ସମ୍ବଲପୁର ମହାନଗର ନିଗମ ୨୬ ନମ୍ବର ୱାର୍ଡର ୧୨ଟି ପରିବାରକୁ ତାରପୋଲିନ ଓ ରାସନ ସାମଗ୍ରୀ ବଣ୍ଟନ କରିଛନ୍ତି। ଏହି ଅବସରରେ ଶ୍ରୀ ସିଂହ ଲୋକଙ୍କୁ ନବୀନ ବାବୁଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ। ଆଗାମୀ ନିର୍ବାଚନରେ ସମସ୍ତେ ଶଙ୍ଖ ଚିହ୍ନରେ ମୋହର ମାରି ପୁଣିଥରେ ନବୀନ ବାବୁଙ୍କର ହାଥମୁଠାକୁ ମଜବୁତ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ମହିଳା ନେତ୍ରୀ ସସ୍ମିତା ଦୀପ, ମୁନୀ ବେଗମ, ଡୋଲୀ ସାହୁ, ଲିଲୀମା ମଲିକ, ରାନୀ ବେଗମ, ସବିନୟ ପୂଜାରୀ, ସଞ୍ଜୀବ ପଟ୍ଟନାୟକ, ସଭ୍ୟ ନବୀନ ପଣ୍ଡା, ହରିହର ପାଣି, ପ୍ରଶାନ୍ତ ନାୟକ, ହରେକୃଷ୍ଣ ସରାଫ, ରଜ୍ୱିନ୍ଦର ସିଂହ, ଆକାଶ ସୁନାଙ୍କ ସମେତ ପଡ଼ାବାସୀ ସାମିଲ ଥିଲେ।



## ପିଏଚ୍.ଡି ଲାଭ



ଡ଼ଃ ନିର୍ମଳା ପଟେଲ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନରୁ କୃଷି ବିଜ୍ଞାନ(ଏଗ୍ରୋନୋମି) ରେ Ph.D ଲାଭ କରିଛନ୍ତି। ସେ Dr.Kalipada Pramanik (Associate Professor of Agronomy) ଏବଂ Dr. Debarati Bhaduri (Senior Scientist ,Soil Science, NRRI, Cuttack)ଙ୍କ ତତ୍ତ୍ୱାବଧାନରେ Ph.D କରୁଥିଲେ। ତାଙ୍କ ସନ୍ଦର୍ଭ "Nitrogen & Micronutrient management in rice under aerobic condition & its residual effect on transplanted mustard crop", Dr. Bikas Chandra Patra (Professor in Agronomy, BCKV West Bengal, India)ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି।ଲେଫ୍ରିପଡା ସୁନ୍ଦରଗଡ଼ ନିବାସୀ ଶ୍ରୀଯୁକ୍ତ ନେତ୍ରମଣି ପଟେଲ ଓ ଶ୍ରୀମତୀ ବିଦ୍ୟୁତ୍ ଲତା ପଟେଲଙ୍କ ସୁଯୋଗ୍ୟା କନ୍ୟା ଡ଼ଃ ନିର୍ମଳା ପଟେଲ, ବର୍ତ୍ତମାନ GIETU, Gunupu ରେ Assistant Professor ( Agronomy) ଭାବରେ କାର୍ଯ୍ୟରତଅଛନ୍ତି।

# ସ୍ୱାଧୀନତା ସଂଗ୍ରାମରେ ପଶ୍ଚିମ ଓଡ଼ିଶାର ଜନଜାତିଙ୍କ ଅବଦାନ ଅତୁଳନୀୟ

**ସମ୍ବଲପୁର, ୨।୩(ସମିସ):** କେନ୍ଦ୍ର ଜନଜାତି ବିଭାଗ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ସା-ପରିଚୟ ଫାଉଣ୍ଡେସନ ଆନୁକୂଲ୍ୟରେ ସମ୍ବଲପୁର ସହର ବୀର ବିର୍ସା ମୁଣ୍ଡା ପଡ଼ିଆରେ ଜାତୀୟ ଜନଜାତି ମହୋତ୍ସବ ହେଉଛି। ଆଜି ଅଷ୍ଟମ ସନ୍ଧ୍ୟାରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ବଲପୁର ସୈନିକ ବୋର୍ଡ କାର୍ଯ୍ୟାଳୟର ମୁଖ୍ୟ ସୁବେଦାର ମେଜର ଚନ୍ଦ୍ରେଶ୍ୱର କୁମାର ସିଂହ ସମ୍ମାନିତ ଅତିଥି ଏବଂ ବିଜେପି ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶାର ଜନଜାତିଙ୍କ ଅବଦାନ ଦେଶର ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ବୋଲି ମୁଖ୍ୟ ଅତିଥି ପ୍ରଫୁଲ୍ଲ କୁମାର ଦାଶ ତାଙ୍କର ଅଭିଭାଷଣରେ କହିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ପରିବାର, ଘେଁସ ଜମିଦାର ପରିବାର ଠୁ ଆରମ୍ଭ କରି ଅନେକ ବୀର ଯୋଦ୍ଧା ଦେଶମାତୃକାର ସେବାରେ ନିଜର ବଳିଦାନ ଦେଇଥିବା ସେ କହିଥିଲେ। ରାଜ୍ୟରେ ୨୩ପ୍ରତିଶତ ଜନସଂଖ୍ୟା ଜନଜାତିଙ୍କ ଥିବା ସହ ସମୃଦ୍ଧ କଳା ସଂସ୍କୃତି, ଐତିହ୍ୟ ରହିଥିବାରୁ ତହିଁର ଅଧିକ ପୃଷ୍ଠପୋଷକତା ଆବଶ୍ୟକ ବୋଲି ଶ୍ରୀ ଦାଶ ମତ ଦେଇଥିଲେ। ଜନଜାତି ସମାଜର ଗୌରବ ଭାବେ ଆଜି ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପରିଚୟ ଲାଭ କରିଛନ୍ତି। ରାଷ୍ଟ୍ର ଗଠନ ଓ ଦେଶର ସାମଗ୍ରିକ ବିକାଶରେ ଜନଜାତି ସମାଜ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମୁଖ୍ୟବକ୍ତା ମାନସ ରଞ୍ଜନ ବକ୍ସି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ଓ ସ୍ୱାବଲମ୍ବୀ ଭାରତର ପ୍ରକୃତ ଆମ୍ବାସେଡର୍ ହୋଇଛନ୍ତି ଜନଜାତି ସମାଜ ବୋଲି ସେ କହିଥିଲେ। ଜନଜାତି ସମାଜର ଯୁବକ ଯୁବତୀ ଅଧିକରୁ ଅଧିକ ସଂଖ୍ୟାରେ ସେନା ବାହିନୀ ଓ ବିଭିନ୍ନ ସୁରକ୍ଷା ବଳ ବାହିନୀରେ ଭର୍ତ୍ତି ହୋଇ ରାଷ୍ଟ୍ରସେବା ଓ ରାଷ୍ଟ୍ର ସୁରକ୍ଷାରେ ନିଜର ସହଭାଗିତା ପ୍ରତିପାଦିତ କରନ୍ତୁ ବୋଲି ଅନ୍ୟତମ ଅତିଥି ସୁବେଦାର ମେଜର ଚନ୍ଦ୍ରେଶ୍ୱର କୁମାର ସିଂହ ଆହ୍ୱାନ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଝାଡ଼ଖଣ୍ଡ ଓ ସୁନ୍ଦରଗଡ଼ର ଆଦିବାସୀ ଅନୁଷ୍ଠାନ ଓ କଳାକାର ମାନଙ୍କୁ ଅତିଥିଗଣ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅନ୍ୟତମ ଉଦ୍‌ଯୋକ୍ତ ଆଲୋକ କୁମାର ପଣ୍ଡା ଓ ଉଦ୍‌ଘୋଷିକା ସାଂସ୍କୃତିକା ପୁରୋହିତ ସଭାକୁ ପରିଚାଳନା କରିଥିଲେ।



# କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ ରେ ଅଭିଭାବକ ସଂଘ ବୈଠକ

**ସମ୍ବଲପୁର, ୨।୩(ସମିସ):** ବୁର୍ଲା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର ୨ରେ ଶନିବାର ଅଭିଭାବକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଅଭିଭାବକ ସଂଘ ପକ୍ଷରୁ ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟରେ ଆଗାମୀ ବର୍ଷଠାରୁ ଲାଗୁ ହେବାକୁ ଥିବା ଜାତୀୟଶିକ୍ଷାନୀତି ବିଷୟରେ ବିଦ୍ୟାଳୟର ଅଧ୍ୟକ୍ଷା ସୂଚନା ଦେଇଥିଲେ। ଅଭିଭାବକ ମାନେ ବିଦ୍ୟାଳୟରେ ରହିଥିବା ଖେଳପଡ଼ିଆର ବିକାଶ, ଛାତ୍ରୀଛାତ୍ର ମାନଙ୍କ ପିଇବା ପାଇଁ ସ୍ୱଚ୍ଛ ପାନୀୟ ଜଳ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଷ୍ଟେଜ୍ ନିକଟରେ ସେଡର ବ୍ୟବସ୍ଥା, ବାଲ୍ ବାଟିକା ପାଇଁ ଅତିରିକ୍ତ କୋଠରୀ, ଏନ୍‌ଏସି ମହାବିଦ୍ୟାଳୟ ନିକଟରେ ଶୋଚନୀୟ ରାସ୍ତାର ମରାମତି ପାଇଁ ସମ୍ପୃକ୍ତ ବିଭାଗକୁ ଅନୁରୋଧ କରିବାକୁ ଦାବି କରିଥିଲେ। ଏହି ଅବସରରେ ବିଗତବର୍ଷରେ ଛାତ୍ରଛାତ୍ରୀଙ୍କ ବିଭନ୍ନ ସମସ୍ୟା ଉପରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ବିଷୟରେ ବିଦ୍ୟାଳୟର ଅଧ୍ୟକ୍ଷା ସୂଚନା ଦେଇଥିଲେ। ବିଦ୍ୟାଳୟକୁ ଅଧିକ ଶୃଙ୍ଖଳିତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଦିଗରେ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଥିଲା ବିଦ୍ୟାଳୟରେ ଏନସିସିର ଶାଖା ଖୋଲିବା ଦିଗରେ ପଦକ୍ଷେପ ନେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିଭାବକ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ପାର୍କିଂ ସମସ୍ୟ ବିଷୟରେ ଆଲୋଚନା କରାଯାଇ ବିଦ୍ୟାଳୟ ବାମ ପାର୍ଶ୍ୱରେ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ବିଷୟରେ ମହାନଗର ନିଗମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ନେଇ ଚର୍ଚ୍ଚା ହୋଇଥିଲା। ବୈଠକରେ ବିଦ୍ୟାଳୟର ବିଭିନ୍ନ ଶିକ୍ଷୟିତ୍ରୀ, ଶିକ୍ଷକ ମାନଙ୍କ ସହ ଅଭିଭାବକ ସଂଘର ଉପସଭାପତି ଏକେ ପଟ୍ଟନାୟକ, ସମ୍ପାଦକ ଭବାନୀ ଶଙ୍କର ଭୋଇ, ଡ.ସରୋଜ ପ୍ରଧାନ, ସଂଘମିତ୍ରା ଜେନା, ସୁରଭି ରାନୀ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।





## ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ ପ୍ରଶିକ୍ଷଣ ବୈଠକ

**ଦେବଗଡ଼, ୨।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ ବୈଠକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଆବଦ୍ଧ ଓ ଶାନ୍ତି ପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଉପସ୍ଥିତ ଅଧିକାରୀ, ରାଜନୈତିକ ନେତା ଓ ସାମ୍ବାଦିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଉପଜିଲ୍ଲାପାଳ ପରକ୍ଷିତ ସାହୁ ନିର୍ବାଚନୀ ପ୍ରସଙ୍ଗରେ ପ୍ରଚାର ପ୍ରସାର, ଯାନ ବାହାନ, ପ୍ରାର୍ଥୀମାନଙ୍କ ଖର୍ଚ୍ଚ ସୀମାଓ, ବ୍ୟାନର, ଅର୍ଥ ବିନିଯୋଗ ଓ ବିଭିନ୍ନ ପ୍ରସଙ୍ଗ ଉପରେ ନିର୍ବାଚନକୁ ସ୍ୱଚ୍ଛ ଭାବରେ ସମ୍ପାଦନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଡେପୁଟି କଲେକ୍ଟର (ନିର୍ବାଚନ) ଏକ୍ଲିନ ବାରା, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମରମ, ବିଜୁ ଜନତା ଦଳ ସଦସ୍ୟ ସୁଶାନ୍ତ ନାଏକ, ଭାରତୀୟ ଜନତା ଦଳ ସଦସ୍ୟ ସଞ୍ଜୟ ନାୟକ, ଆମ୍ ଅଦ୍‌ମି ପାର୍ଟି ସଦସ୍ୟ ଜ୍ଞାନେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



# ଅଂଶୁଘାତ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

ଦେବଗଡ଼, ୨।୩(ସମିସ)

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରଭାବ ଜନିତ ଅଂଶୁଘାତର ମୁକାବିଲା ନିମନ୍ତେ ପ୍ରଶାସନିକସ୍ତରରେ ଏକ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସମ୍ଭାବ୍ୟ ଅଂଶୁଘାତ ନିମନ୍ତେ ସମସ୍ତ ବିଭାଗ ପ୍ରସ୍ତୁତି ରହିବା ସଙ୍ଗେ ସଙ୍ଗେ ଏହି ଦିଗରେ ସଚେତନତା ସୃଷ୍ଟି ନିମନ୍ତେ ପଦେକ୍ଷପ ନେବାକୁ ପରମର୍ଶ ଦେଇଥିଲେ। ବିଶେଷ ଭାବେ ପାନୀୟ ଜଳର ସମସ୍ୟା ପ୍ରତି ଅଧିକ ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ, ପଶୁ ସମ୍ପଦ, ଗ୍ରାମ୍ୟ ଜଳ ଓ ପରିମଳ, ଜନ ସ୍ୱାସ୍ଥ୍ୟ ଜଳ ସମ୍ପଦ, ଶିକ୍ଷା, ସମାଜ ମଙ୍ଗଳ, ଶ୍ରମ, ପରିବହନ, ବିଭାଗର ଅଧିକାରୀ ନିଜ ନିଜ ବିଭାଗର ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଅଂଶୁଘାତର ମୁକାବିଲା ନିମନ୍ତେ ପୋଷ୍ଟର ରିଫ୍ଲେକ୍ସ ବ୍ୟାନର ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଓ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓ ଜିଲ୍ଲା ସଦର ଚିକିତ୍ସାଳୟରେରେ ପର୍ଯ୍ୟାପ୍ତ ପରିମାଣରର ଔଷଧ ରଖାଯିବା ସଙ୍ଗେ ସଙ୍ଗେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ପାଇଁ ଅଂଶୁଘାତ କକ୍ଷ ଓ ପାନୀୟ ଜଳ ସୁବିଧା, ନଳକୂପ ମରାମତି, ନିରବିଚ୍ଛିନ୍ନ ବିଦ୍ୟୁତ୍ ସରବରାହ ନିମନ୍ତେ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରୀଷ୍ମ ପ୍ରଭାବ ଦୃଷ୍ଟିରୁ ଶିକ୍ଷାନୁଷ୍ଠାନ କାର୍ଯ୍ୟ ନିର୍ଘଣ୍ଟରେ ପରିବର୍ତ୍ତନ ଓ କାର୍ଯ୍ୟସ୍ଥଳରେ ଶ୍ରମିକଙ୍କ ପାଇଁ କାର୍ଯ୍ୟ ନିର୍ଘଣ୍ଟ ସ୍ଥିର ପାଇଁ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଜଳ ଛତ୍ର ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲା ଯାଇ ପରିସ୍ଥିତି ଉପରେ ନଜର ରଖାଯିବା ପାଇଁ ସ୍ଥିର କରାଯିବା ସହ ଟୋଲ୍ ଫ୍ରି ନମ୍ବର ୧୦୭୭ ଜାରି କରାଯାଇଛି ବୋଲି ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ହେମନ୍ତ ସିଂ ସୂଚନା ଦେଇଥିଲେ। କର୍ମଶାଳାରେ ଜିଲ୍ଲା ଚିକିତ୍ସାଳୟର ଡାକ୍ତର ଦୟାସି ସାହୁ ଉପସ୍ଥିତ ସମସ୍ତଙ୍କୁ ଅଂଶୁଘାତର ମୁକାବିଲା ନିମନ୍ତେ ତାଲିମ ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ତହସିଲର ତହସିଲଦାର ଉପସ୍ଥିତ ଥିଲେ। ଶେଷରେ ପ୍ରକଳ୍ପ ଅଧିକାରୀ ପ୍ରଭାତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।




### ବଡ଼ଧରା ଛକରେ ଅମ୍ବାଭୋନା ପୁଲିସ ଚେକିଂ

## ଗଞ୍ଜେଇ ଜବତ, ଜଣେ ଗିରଫ

ଅମ୍ବାଭୋନା, ୨।୩(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନା ଅଧୀନ ସୀମାନ୍ତ ବଡ଼ଧରା ଛକରେ ଶନିବାର ସକାଳେ ଅମ୍ବାଭୋନା ଥାନାଧିକାରୀ ବୁଲୁ ମୁଣ୍ଡାଙ୍କ ନିର୍ଦ୍ଦେଶରେ ଚେକିଂ ଚାଲିଥିଲେ। ଅମ୍ବାଭୋନା ଥାନା ସବ୍ ଇନ୍ସପେକ୍ଟର ତୁଳସୀରାମ ଶବରଙ୍କ ନେତୃତ୍ୱରେ ପୁଲିସ ଟିମ ଯାଞ୍ଚ ବେଳେ ଏକ ବାଇକ୍‌ରେ ଚାଲାଣ ହେଉଥିବା ୩ କେଜି ୮୦୦ ଗଞ୍ଜେଇ ଜବତ କରିବା ସହ କାଶିପାଲି ନିବାସୀ ଗୌରାଙ୍ଗ କରସେଲ (୪୫ ବର୍ଷ)ଙ୍କୁ ଗିରଫ କରିଥିଲେ। ଏନେଇ ଅମ୍ବାଭୋନା ଥାନାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ଉପକାରାଗାରକୁ ପଠାଇ ଦିଆଯାଇଥିବା ଅମ୍ବାଭୋନା ପୁଲିସ ପ୍ରକାଶ କରିଛନ୍ତି।

### ଅଜଣା ମହିଳାଙ୍କ ମୃତଦେହ ଚିହ୍ନଟ

## ହତ୍ୟା ଅଭିଯୋଗ

**ଦେବଗଡ଼, ୨।୩(ସମିସ):** ରିଆମାଳ ଥାନା ତାଳକୁଣ୍ଡି ପଞ୍ଚାୟତ ମଧୁପୁର ଗ୍ରାମ ଖେଳ ପଡ଼ିଆ ନିକଟରୁ ଉଦ୍ଧାର ହୋଇଥିବା ମୃତଦେହର ପରିଚୟ ମିଳିଛି। ଏହା ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଗରଖୋଲ ଗ୍ରାମର ସୁବନ କିସାନଙ୍କ ଝିଅ ମିନା କିସାନଙ୍କ ମୃତଦେହ ବୋଲି ପୁଲିସ ସ୍ପଷ୍ଟ ହୋଇଛି। ହାତର ଟାଟୁ ଓ ପିନ୍ଧା ଲୁଗା ଆଧାରରେ ତାଙ୍କ ମା' ଜାନକୀ କିସାନ ମୃତଦେହ ଚିହ୍ନଟ କରଛନ୍ତି। ବ୍ୟବଚ୍ଛେଦ ପାଇଁ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ତାଙ୍କୁ କେହି ହତ୍ୟା କରି ପୋତି ଦେଇଥିବା ପୁଲିସ ନିକଟରେ ତାଙ୍କ ମା' ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପ୍ରେମ, ବିବାହ ପରେ ମହିଳାଙ୍କୁ ପ୍ରତାରଣା

**ଦେବଗଡ଼, ୨।୩(ସମିସ):** ପ୍ରେମ ପରେ ଦୁଷ୍କର୍ମ ପୁଣି ବିବାହ ପରେ ପ୍ରତାରଣାର ଶିକାର ହୋଇଥିବା ଜଣେ ଯୁବତୀ ଦେବଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଦେବଗଡ଼ ଥାନା କଣ୍ଢଲ ଗ୍ରାମରେ ଥିବା ଏକ ଘରୋଇ ସ୍କୁଲରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ୩୮ ବର୍ଷୀୟା ମହିଳାଙ୍କ ସହ ସେହି ଅନୁଷ୍ଠାନରେ ଅଟୋ ଚଳାଉଥିବା ଦନ୍ତାରିବାହାଲ ଗ୍ରାମର ବିନୟ ବେହେରା (୨୮) ମଧ୍ୟରେ ପ୍ରାୟ ୫ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। କିଛି ବର୍ଷ ପୂର୍ବେ ବିନୟ ତାଙ୍କୁ ଦୁଷ୍କର୍ମ କରି ଫଟୋ ଉଠାଇ ନେଇଥଲା। ଏହାକୁ ଭାଇରଲ କରିବା ଭୟ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସୁଥିଲା। ମହିଳା ଜଣକ ଗର୍ଭବତୀ ହେବାରୁ ବିନୟ ଔଷଧ ଖୁଆଇ ଗର୍ଭ ନଷ୍ଟ କରିଥିଲା। ମହିଳା ଜଣକ ବିବାହ ପାଇଁ ଜିଦ ଧରିବାରୁ ବିନୟ ବୁଢ଼ୀବାହାଲ ଶିବ ମନ୍ଦିରରେ ୨୦୨୩ ମାର୍ଚ୍ଚ ୧୪ରେ ସିନ୍ଦୂର ପିନ୍ଧାଇ ବିବାହ କରିଥିଲା। ଜୁଲାଇ ୪ରେ ବିବାହ ପଞ୍ଜୀକରଣ ପାଇଁ ଆବେଦନ ଫାର୍ମ ଆଣି ଦେଖାଇବା ସହ ଆବେଦନ କରିଥିବା ମହିଳାଙ୍କୁ କହିଥିଲା। ତେବେ ଏହାର କିଛି ଦିନ ପରଠାରୁ ସେ ଗାଁ ଛାଡି ଫେରାର ହୋଇଯାଇଛି। ମହିଳା ଜଣ ଫୋନ୍ କଲେ ଅଶ୍ଳୀଳ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଛି।

## ୧୭୫ତମ ଶ୍ରୀକୃଷ୍ଣଲୀଳାର କଳାକାରବରଣ

**ବରପାଲି, ୨।୩ (ସମିସ):** ବରପାଲି ବ୍ଲକ କୁମ୍ଭାରୀ ଲୋକକଳା ଗ୍ରାମରେ ୧୭୫ ତମ ଶ୍ରୀକୃଷ୍ଣଲୀଳାର ସୁଭାରମ୍ଭ ନିମନ୍ତେ କଳାକାର ବରଣ ପର୍ବ ସମ୍ପନ୍ନ ହୋଇଯାଇଛି। ଗ୍ରାମବାସୀଙ୍କ ତରଫରୁ ପରମ୍ପରାକୁ ସମ୍ମାନ ଜଣାଇ କଳାକାର ମାନଙ୍କୁ ବରଣ କରାଯାଇଥିଲା। ଅଭିନୟରେ ଶ୍ରୀକୃଷ୍ଣ ଭୂମିକାରେ ଅନ୍ୱେଶ ମାଝୀ, ବଳରାମ ଭୂମିକାରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, କଂସ ଭୂମିକାରେ ଶେବାନନ୍ଦ ନାୟକ ପ୍ରମୁଖଙ୍କ ସମେତ ପାର୍ଶ୍ୱ କଳାକାରଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଶବ୍ଦନୃତ୍ୟଗୁରୁ ପଦ୍ମଶ୍ରୀ ଭାଗବତ ପଧାନ ଏବଂ ବ୍ରଜେଶ୍ୱରୀ ନୃତ୍ୟ କଳା ସଂସଦ ସଭାପତି କେତନ ସାହୁ, ସମ୍ପାଦକ ହୀରାଧର ବିଶ୍ୱାଳ, ମଧୁସୂଦନ ସା, କେଶବ ସାହୁ, ରମେଶ ମାଝୀ, ଦିଲୀପ୍ ସାହୁ, ଗୌରଚନ୍ଦ୍ର ଭୋଇଙ୍କ ସହ ବରିଷ୍ଠ କଳାକାର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଅନ୍ତର୍ଜାତୀୟ ହ୍ୱିଲ୍‌ଚେୟାର ଦିବସ

**ଦେବଗଡ଼, ୧।୩(ସମିସ):** ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ ଟାଉନହଲ୍‌ରେ ଅନ୍ତର୍ଜାତୀୟ ହ୍ୱିଲ୍‌ଚେୟାର ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିନଟେଣ୍ଡେଣ୍ଟ ମନୋରଞ୍ଜନ ସାମଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଯୋଗଦେଇ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନେ ଜଣେଜଣେ ଦିବ୍ୟାଙ୍ଗଙ୍କ ହ୍ୱିଲ୍‌ଚେୟାର କେତେ ମହତ୍ତ୍ୱପୂର୍ଣ୍ଣ ସେନେଇ ଆଲୋଚନା କରିଥିଲେ। ଦିବ୍ୟାଙ୍ଗଙ୍କୁ ସମାଜରେ ଭିନ୍ନ ମନେ ନ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କ ମନୋବଳକୁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ଅବସରରେ ବାରକୋଟ ବ୍ଲକ ବଳିତା ଗ୍ରାମର ଜୟବୀର ହନୁମାନ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ତିଳେଇବଣି ବ୍ଲକ, ଦେବଗଡ଼ ପୌରାଞ୍ଚଳରୁ ଓ ରିଆମାଳ ବ୍ଲକରୁ ଜଣେ ଲେଖାଁଏ ଓ ବାରକୋଟ ବ୍ଲକରୁ ୯ ଜଣ ଶାରୀରିକ ଭିନ୍ନକ୍ଷମଙ୍କୁ ବିଭାଗ ପକ୍ଷରୁ ହ୍ୱିଲ୍‌ଚେୟାର ପ୍ରଦାନ କରାଯାଇଥିଲା। ସେହିପରି ବାରକୋଟ ବ୍ଲକର ୧୧, ରିଆମାଳ ବ୍ଲକର ଜଣେ ଓ ପୌରାଞ୍ଚଳରୁ ଦୁଇ ଜଣ ଅତିଶୟ ଭିନ୍ନକ୍ଷମ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ନିଜେ ଭିନ୍ନକ୍ଷମ ଥାଇ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ବାବଦରେ ଜାଣିବା ଏବଂ ସେମାନଙ୍କୁ ସହାୟତା କରୁଥିବା ବାରକୋଟ ବ୍ଲକ ବିଜାଡ଼ିହ ଗ୍ରାମର ଅଙ୍ଗନବାଡ଼ି କର୍ମୀ ସରୋଜିନୀ ବେହେରା, ବମ୍ପରଡ଼ା ପଞ୍ଚାୟତର ୱାର୍ଡ ସଭ୍ୟା ସଞ୍ଜିତା ସାହୁ ଓ ଦେବଗଡ଼ ପୌରାଞ୍ଚଳର ପାରଲିଗାଲ ସ୍ୱେଚ୍ଛାସେବୀ ଆରତୀ ପ୍ରଧାନଙ୍କୁ ଅତିଥିଙ୍କ ଦ୍ୱାରା ଉପଢ୍ୱୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଆରସିସି ପ୍ରାଣବନ୍ଧୁ ଘଡ଼େଇ ପରିଚାଳନା କରିଥିବାବେଳେ ବାରକୋଟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଏପ୍ରିଲରୁ ୧୯ ବର୍ଷରୁ କମ୍ ବୟସ୍କ ଜିଲ୍ଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା

**ବରଗଡ଼, ୨।୩(ସମିସ):** ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରୁ ୧୯ ବର୍ଷରୁ କମ୍ ବୟସ ବର୍ଗର ବରଗଡ଼ ଜିଲ୍ଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହେବ। ଚଳିତ ମାସ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ରେଜିଷ୍ଟ୍ରେସନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ରେଜିଷ୍ଟ୍ରେସନ ଦୁଇଟି ପ୍ରକ୍ରିୟାରେ ଅନୁଷ୍ଠିତ ହେବ। କ୍ଲବ୍ ମାନେ ନିଜେ ନିଜର କ୍ଲବ୍‌ର ସିଧାସଳଖ ରେଜିଷ୍ଟ୍ରେସନ କରିପାରିବେ। ସେହିପରି ୧୯ ବର୍ଷରୁ କମ ବୟସ୍କ କ୍ରିକେଟ ଖେଳାଳୀ ମାନେ ନିଜେ ମଧ୍ୟ ରେଜିଷ୍ଟ୍ରେସନ ସିଧାସଳଖ କରିପାରିବେ। ଏ ନେଇ ରଜତ ଦାଶ ଏବଂ ମନୋଜ ପାତ୍ରଙ୍କ ମୋବାଇଲ ନମ୍ବର ୯୪୩୭୨୦୯୩୨୩, ୯୫୮୩୮୬୧୪୪୪ ରେଜିଷ୍ଟ୍ରେସନ କରିପାରିବେ ବୋଲି କୁହାଯାଇଛି। ଓଡ଼ିଶା ବାହାର ଯେଉଁ ଛାତ୍ର ଏହି ପ୍ରତିଯୋଗିତା ରେ ଭାଗ ନେବେ ସେ ଜିଲ୍ଲା କ୍ରିକେଟ ଆସୋସିଏସନ ଜରିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଠାରୁ ଅନୁମତି ନେଇ ରେଜିଷ୍ଟ୍ରେସନ କରିବେ ବୋଲି ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ କୁହାଯାଇଛି।

**୪ରୁ ଆରମ୍ଭ ଅନଲାଇନ୍ ପଞ୍ଜୀକରଣ**

### ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

## ୧୮୧ଙ୍କୁ ସିଧାସଳଖ ନିଯୁକ୍ତି ଓ ୧୦୫ଙ୍କୁ ନିଯୁକ୍ତିଭିତ୍ତିକ ତାଲିମ

**ଦେବଗଡ଼, ୧।୩(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି ଓ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଉପସ୍ଥିତ ନିଯୁକ୍ତି ଆଶାୟୀ ଯୁବକଯୁବତୀଙ୍କୁ ନିଜ ଶିକ୍ଷା ଓ ଦକ୍ଷତା ଅନୁଯାୟୀ, ନିଯୁକ୍ତି ମେଳାକୁ ଆସିଥିବା ଭିନ୍ନଭିନ୍ନ କର୍ମ ନିଯୁକ୍ତି ସଂସ୍ଥା ସହ ଟିକିନିକି ତଥ୍ୟ ସଂଗ୍ରହ କରି ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ନିଯୁକ୍ତି ମେଳାରେ ଜିଲ୍ଲାର ତିନୋଟି ବ୍ଲକ ଓ ଗୋଟିଏ ପୌରାଞ୍ଚଳରୁ ମୋଟ ୩୬୧ ଜଣ ଯୁବକଯୁବତୀ ପଞ୍ଜୀକରଣ କରିଥିଲେ। ସେହିପରି ୧୪ଟି ନିଯୁକ୍ତି ଦାତା ସଂସ୍ଥା ଅଂଶଗ୍ରହଣ କରିଥିବା ବେଳେ ୬ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ୧୦୫ ଜଣ ଯୁବକଯୁବତୀଙ୍କୁ ନିଯୁକ୍ତିଭିତ୍ତିକ ତାଲିମ ପାଇଁ ମନୋନୀତ କରିଥିବା ବେଳେ ୯୯ ଜଣ ଯୁବକ ଓ ୮୨ ଜଣ ଯୁବତୀଙ୍କୁ ସିଧାସଳଖ ନିଯୁକ୍ତି ପାଇଁ ମନୋନୀତ କରାଯାଇଥିବା ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଉପାଧ୍ୟାୟ ସୂଚନା ଦେଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଗାଇସିଲେଟ, ୨।୩(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ ଅଧୀନ କେନ୍ଦୁମାଲସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଆଜି ଡଙ୍ଗରମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଫକିର ମୋହନ ସାହୁଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁଶାନ୍ତ ପଣ୍ଡା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ନାଏବ ସରପଞ୍ଚ ଉପେନ୍ଦ୍ର ବିଭାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ଦୀପ, ବିଶ୍ୱନାଥ ପଧାନ ସହକାରୀ ଶିକ୍ଷକ ପ୍ରାଥମିକ ବିଦ୍ୟାଳୟ ଆଇଁଲଭଟା, ପ୍ରମୋଦ କୁମାର ବଡେଇ ସହକାରୀ ଶିକ୍ଷକ ପ୍ରାଥମିକ ବିଦ୍ୟାଳୟ ଜୁବାଖୋଲ, ଅଙ୍ଗନବାଡ଼ି କର୍ମୀ ସମାରୀ ପଧାନ, ସ୍କୁଲ ପରିଚାଳନା କମିଟି ସଭାପତି ସତ୍ୟବାନ ସାହୁ, ସଦସ୍ୟ ଚିନ୍ତାମଣି ସାହୁ, ଲୋକନାଥ ସାହୁ, ଦୁର୍ଯ୍ୟୋଧନ ସାହୁ, ପ୍ରଫୁଲ୍ଲ ସାହୁ, ଚତୁର୍ଭୁଜ ବରିହା, ବିଷ୍ଣୁମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଦେବରାଜ ତାଣ୍ଡି ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ସତ୍ୟବାନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଝାରବନ୍ଧରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଝାରବନ୍ଧ, ୨।୩(ସମିସ) : ଝାରବନ୍ଧ ବ୍ଲକ କାର୍ଯ୍ୟାଳୟ ମିଶନ ଶକ୍ତି ଗୃହରେ ପ୍ରକଳ୍ପସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମିର୍ଦ୍ଧା, ସମ୍ମାନିତ ଅତିଥି ବିପିସି ରବିଶଙ୍କର ନାଏକ, ବିପିଏମ ସତ୍ୟ କୁମ୍ଭାର, ମୁଖ୍ୟବକ୍ତା ଶିକ୍ଷା ବିଭାଗର ଅଧ୍ୟାପିକା ଯାଜ୍ଞସେନୀ ନାୟକ ଯୋଗଦେଇ ଥିଲେ। ସୁପରଭାଇଜର ସୂର୍ଯ୍ୟକାନ୍ତି ହୋତା ମଞ୍ଚ ପରିଚାଳନା କରିଥିଲେ।



### ବଜରଙ୍ଗ କ୍ରିକେଟ ପ୍ରତିଯୋଗିତା

## ଫାଇନାଲରେ ଝାରସୁଗୁଡ଼ା

ଦେବଗଡ଼, ୨।୩(ସମିସ)

ଦେବଗଡ଼ ପୌରାଞ୍ଚଳର ମହୁଲଡିପା ସାହିର ନାଳ ପଡ଼ିଆଠାରେ ମହାବୀର କ୍ଲବ ପକ୍ଷରୁ ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତା ଚାଲିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବଡବିଲ ସହିତ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡବିଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୯ ୱିକେଟ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଝାରସୁଗୁଡା ଦଳ ୮ ୱିକେଟ ହରାଇ ୧୭୯ ରନ୍ ସଂଗ୍ରହ କରିଥିଲା। ଝାରସୁଗୁଡା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମୁକେଶ ଦଳାଇ ଓ ଦିଲୁ ଦାସଭାୟା ମ୍ୟାଚ୍ ପରିଚାଳନା କରିଥିଲେ। ବି.କ୍ଷିରେଦ କୁମାର ସ୍କୋରର ଥିବାବେଳେ ପରିତୋଷ ସାହୁ ଅନଲାଇନ ସ୍କୋରର ଥିଲେ। ବେଣୁଧର ଗଡ଼ନାୟକ ଏବଂ ରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ଉପସଭାପତି ପ୍ରିତମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିତେନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇ ଝାରସୁଗୁଡା ଦଳ ଭୀମ ମୁଖୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସଭାପତି କାର୍ତ୍ତିକ ମହାକୁଲ, ସମ୍ପାଦକ ରାଜୀବ ଗଡ଼ନାୟକ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ଭଞ୍ଜ, ସହ-କୋଷାଧ୍ୟକ୍ଷ ଆଲୋକ ମହାପାତ୍ରଙ୍କ ସମେତ କ୍ଲବର ସଦସ୍ୟ ସହଯୋଗ କରିଥିଲେ। ରବିବାର କେନ୍ଦୁଝର ସହିତ ଝାରସୁଗୁଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।




## ଭୋଟଦାନ ଅଧିକାର ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୨।୩(ସମିସ):** ଛାତ୍ରଛାତ୍ରୀଙ୍କୁ ଭୋଟ ଦେବା ଅଧିକାର ବିଷୟରେ ସଚେତନ କରିବା ଓ ଛାତ୍ରଛାତ୍ରୀମାନେ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ନେଇଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରାଳୟ ବିଭାଗ ଓ ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ତରଫରୁ ବରଗଡ଼ ଜିଲ୍ଲା କମଗାଁ ମହାବିଦ୍ୟାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୋର ପ୍ରଥମ ଭୋଟ ଦେଶ ପାଇଁ ଅ'ର୍ଗତ ଏହି କାର୍ଯ୍ୟକ୍ରମରେ ଭାରତର ସମସ୍ତ ନାଗରିକ ତାଙ୍କର ବହୁମୂଲ୍ୟ ଭୋଟ ପ୍ରଦାନ କରି ଦେଶ ଶାସନରେ ଅଂଶ ଗ୍ରହଣ କରନ୍ତୁ ଏବଂ ଏକ ଦକ୍ଷ ସରକାର ଗଠନରେ ସହଯୋଗ କରିବା ଏହାର ଉଦ୍ଦେଶ୍ୟ। ଅଧ୍ୟାପିକା ଡ଼ ଦୀପିକା କୁମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କଲେଜର ପୂର୍ବତନ ସମ୍ପାଦକ ପ୍ରେମରାଜ ମେହେର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଖୁଣ୍ଟପାଲି ବିବି କଲେଜର ଅର୍ଥନୀତି ବିଭାଗର ଅଧ୍ୟାପକ ପ୍ରମୋଦ ସାହୁ ସମ୍ମାନିତ ଅତିଥି, ଅଧ୍ୟାପିକା ଜ୍ୟୋତିର୍ମୟୀ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମବର୍ଷ ଛାତ୍ରୀ କୁମାରୀ ବନଜା ସାହୁ ତାଙ୍କର ବକ୍ତବ୍ୟ ରଖିଥିଲେ। କୁମାରୀ ଡାଫୋଡିଲ ପତି ଧନ୍ୟବାଦ ଅର୍ପଣ କରିଥିଲେ।



ଇତିହାସ ପୃଷ୍ଠାରେ ସ୍ମୃତି ହୋଇଯିବ ସୋନପୁର ରାଜପ୍ରାସାଦ

# ବିପଦରେ ସୁବର୍ଣ୍ଣପୁର ସମୃଦ୍ଧ ଇତିହାସର ମୂକସାକ୍ଷୀ ରାଜାଘର

**ସୋନପୁର, ୨।୩(ସମିସ)**

ଏକଦା ସୋନପୁର ଗଡ଼ଜାତ ଶାସନଗତ ପ୍ରଭାବ, ପ୍ରତିଷ୍ଠା ଏବଂ ପ୍ରତିପତ୍ତି ପାଇଁ ବେଶ୍ ପ୍ରଭାବଶାଳୀ ଥିଲା। ଜାତୀୟସ୍ତରରେ ସୋନପୁର ମହାରାଜାଙ୍କ ସ୍ୱତନ୍ତ୍ର ସ୍ଥାନ ରହିଥିଲା। ସୁବର୍ଣ୍ଣପୁରର କଳା, ସଂସ୍କୃତି ଏବଂ ଭାସ୍କର୍ଯ୍ୟର ମୂକସାକ୍ଷୀ ଥିଲଶ ସୋନପୁର ରାଜପ୍ରାସାଦ। ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା ସୋନପୁର ମହାରାଜାଙ୍କ ଏହି ଘରେ ହିଁ ତତ୍କାଳୀନ ସୋନପୁର ଗଡ଼ଜାତର ବହୁ ସ୍ମୃତି ଲିପିବଦ୍ଧ ହୋଇ ରହିଛି। ମହାନଦୀ କୂଳରେ ପଥର ବନ୍ଧ ବାନ୍ଧି ଏହି ରାଜପ୍ରାସାଦ ଅତି ଶକ୍ତ ଭାବେ ଏବଂ ସୁନ୍ଦର ଢଙ୍ଗରେ ନିର୍ମାଣ ହୋଇଥିଲା। ଧୀରେ ଧୀରେ ଏହାର ବିଭିନ୍ନ ଅଂଶ ଭାଙ୍ଗି ବିପଦପୂର୍ଣ୍ଣ ଅବସ୍ଥାରେ ରହିଲାଣି। ରାଜାଘର କାନ୍ଥକୁ ଲାଗି ଦୁର୍ଗା ମନ୍ଦିର ଥିବାରୁ ଏହାର ରକ୍ଷଣା ବେକ୍ଷଣ ନ ହେଲେ କେତେବେଳେ ଅଘଟଣ ନ ଘଟିବ କହି ହେବ ନାହିଁ। ଅନ୍ୟପଟେ ବଡ ଜଗନ୍ନାଥ ମନ୍ଦିର ଥିବାରୁ ଏହି ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ଲୋକ ଯିବା ଆସିବା କରନ୍ତି। ତେଣୁ ଏହାର ପୁନରୁଦ୍ଧାର



ନ ହେଲେ କେତେବେଳେ କାନ୍ଥ ଭାଙ୍ଗି ରାସ୍ତା ଉପରେ ପଡ଼ି ପାରେ। ଐତିହ୍ୟ ସମ୍ପୂର୍ଣ୍ଣ ଏହି ପୁରାତନ କୀର୍ତ୍ତିରାଜି ଧ୍ୱଂସ ହୋଇ ମାଟିରେ ମିଶି ଯିବା ପୂର୍ବରୁ ପୁନରୁଦ୍ଧାର ପାଇଁ ସହରବାସୀ ଦାବି କରିଛନ୍ତି।

୧୯୦୨ ଅଗଷ୍ଟ ୮ ରୁ ୧୯୩୭ ଏପ୍ରିଲ ୨୯ ଯାଏଁ ବୀରମିତ୍ରୋଦୟ ସିଂହଦେଓଙ୍କ ଶାସନ କାଳକୁ ସୋନପୁର ରାଜତନ୍ତ୍ରର ସୁବର୍ଣ୍ଣଯୁଗ କୁହାଯାଏ। ସୁବର୍ଣ୍ଣପୁର ସମୃଦ୍ଧ ଇତିହାସର ମୂକସାକ୍ଷୀ ସାଜିଛି ଏହି ଅର୍ଦ୍ଧଭଗ୍ନ ରାଜପ୍ରାସାଦ। ଅତି ନିଆରା ଢଙ୍ଗରେ ନିର୍ମାଣ ହୋଇଥିଲା ସୋନପୁର ରାଜ ପ୍ରାସାଦ। ରାଜବାଟିର ଛାତ ଉପରେ ଛିଡା ହୋଇ ମହାନଦୀର ଦୃଶ୍ୟ ଅବଲୋକନ କରୁଥିଲେ ରାଜ ପରିବାର। ସୋନପୁର ରାଜପ୍ରାସାଦ ଭିତରେ ଥିଲା ବାଦଲ ମହଲ, ଅସ୍ତ୍ରାଗାର, କୋଷାଗାର, କଚେରୀ, ରାଜସ୍ୱ କାର୍ଯ୍ୟାଳୟ। ଏଠାରେ ଥିବା ରାଣୀ ଅନନ୍ତପୁର ଏବଂ ରାଣୀ ଉଆସ ଖୁବ୍ କାରୁକାର୍ଯ୍ୟପୂର୍ଣ୍ଣ ଥିଲା। ସୁବର୍ଣ୍ଣପୁରର ଶେଷ ରାଜା ସୁଧାଂଶୁ ଭୂଷଣ ସିଂହଦେଓଙ୍କ ଶାସନ କାଳ ୧୯୪୮ ଯାଏଁ ଏକ ବିସ୍ତୀର୍ଣ୍ଣ ଭୂଖଣ୍ଡର ଶାସନ କେନ୍ଦ୍ର ଥିଲା ଏହି ରାଜବାଟୀ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହି ରାଜପ୍ରାସାଦ ଏବେ ଧ୍ୱଂସାଭିମୁଖୀ। ପ୍ରାସାଦ ଭିତରେ ଥିବା ଖୁବ୍ ସୁନ୍ଦର ଗମ୍ବୁଜ ଓ କାନ୍ଥ ସବୁ ଭାଙ୍ଗିରୁଜି ଗଲାଣି। ଏଭଳି ଅବସ୍ଥା ହେଲାଣି ଏହି ରାଜାଘର ଦିନେ ସମ୍ପୂର୍ଣ୍ଣ ମାଟିରେ ମିଶିଯିବ। ଇତିହାସ ପୃଷ୍ଠାରେ ସ୍ମୃତି ହୋଇ ରହିଯିବ ସୋନପୁର ରାଜପ୍ରାସାଦ।

# କାମ ସରିଗଲା ପଛେ ସୂଚନାଫଳକ ଲାଗିଲାନି

**ହରଭଙ୍ଗା, ୨।୩(ସମିସ):** ହରଭଙ୍ଗା ବ୍ଲକ ହରଭଙ୍ଗା ପଞ୍ଚାୟତ ଅଧୀନ ନୂଆକୋଡାସିଙ୍ଗା ଗ୍ରାମରେ ବିନା ସୂଚନା ଫଳକରେ ପକ୍କା ରାସ୍ତା ନିର୍ମାଣ କାମ ହେଉଥିବା ଖବର ସାମ୍ନାକୁ ଆସିଛି। ସରକାରୀ ନୀତିନିୟମକୁ ଅଣଦେଖା କରି କେଉଁ ଭଳି ଭାବରେ ରାସ୍ତା ନିର୍ମାଣ କାର୍ଯ୍ୟ ଆଗକୁ ବଢୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ନିୟମ ଗୋଟିଏ ଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀଙ୍କ ଗୋଟେ ନିୟମ ହେଉଛି। କେଉଁ ଅନୁଦାନରୁ କେତେ ଟଙ୍କା ବ୍ୟୟ ବରାଦରେ ରାସ୍ତା କାମ ଚାଲୁଚି କିଛି ଜାଣି ପାରୁ ନାହାନ୍ତି ଗ୍ରାମବାସୀ। ଏ ନେଇ ହରଭଙ୍ଗା ବ୍ଲକର ବିଭାଗୀୟ ଯନ୍ତ୍ରୀ ବିନୟ ତରିଆଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ରାସ୍ତା କାମ ସରିବାକୁ ବସିଥିବା ବେଳେ କେଉଁ ଅନୁଦାନରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହା ଯନ୍ତ୍ରୀ ଜାଣି ଅଜଣା ଭଳି ଖାତା ଦେଖି କହିବେ ବୋଲି କହି ଫୋନ୍ କାଟି ଦେଇଥିଲେ। ବିନା ସୂଚନା ଫଳକରେ ନିମ୍ନମାନର ରାସ୍ତା କାମ କରି ସରକାରୀ ଅର୍ଥ ଲୁଟ୍ କରିବା ପାଇଁ ବିଧିବଦ୍ଧ ଭାବେ ପୂର୍ବ ନିର୍ଦ୍ଧାରିତ ଯୋଜନା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନ ତଦନ୍ତ କରିବାକୁ ୱାର୍ଡସଭ୍ୟ ଜୟଦେବ କର୍ଣ୍ଣ ଦାବି କରିଛନ୍ତି।



**ନୂଆକୋଡାସିଙ୍ଗା ରାସ୍ତା କାମ ନିମ୍ନମାନର ଅଭିଯୋଗ**

**କେଉଁ ଅନୁଦାନରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଜଣାପଡୁନି**

# ୨୭ ଏକର ଗଞ୍ଜେଇ ଚାଷ ନଷ୍ଟକଲା ପୁଲିସ

**ମନମୁଣ୍ଡା, ୨।୩(ସମିସ):** ମନମୁଣ୍ଡା ପୁଲିସ ପ୍ରାୟ ୨୭ ଏକରରୁ ଅଧିକ ପରିମିତ ଜଙ୍ଗଲରେ ଚାଷ କରାଯାଇଥିବା ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଛି। ଆଇଆଇସି ଭାବାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଶଗଡ଼ା ଫାଣ୍ଡି ଅଧୀନ ସିନ୍ଦୂରଭାଡ଼ି ଜଙ୍ଗଲରେ ଚଡ଼ଉ କରାଯାଇଥିଲା। ନଷ୍ଟ କରାଯାଇଥିବା ଗଛ ପ୍ରାୟ ୪୧ ହଜାର ହେବ। ଏସଆଇ ସେବତୀ ନାଏକ, ଶଗଡ଼ା ଫାଣ୍ଡି ଅଧିକାରୀ ସନ୍ତୋଷ ମଲ୍ଲିକ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।



# ବିଶିଷ୍ଟ ଜ୍ୟୋତିର୍ବିଦ ସୁରେନ୍ଦ୍ର ମୋହନଙ୍କ ପରଲୋକ

**ବିନିକା, ୨।୩(ସମିସ):** ବିନିକା ଏନଏସି ୧୦ନଂ ୱାର୍ଡ ଉଲ୍ଲେ ଗ୍ରାମର ପଣ୍ଡିତ ତଥା ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମୋହନ ଓତାଙ୍କ ପରଲୋକ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ବିନିକା ଅଞ୍ଚଳର ଜଣେ ସୁନାମଧନ୍ୟ ଜୋତିର୍ବିଦ, କର୍ମକାଣ୍ଡ ବିଶାରଦ ଭାବେ ମଧ୍ୟ ପରିଚିତ ଥିଲେ। ସ୍ଥାନୀୟ ଶ୍ମଶାନ ଘାଟରେ ବଡ଼ପୁଅ ବିଭୁତି ଭୂଷଣ ଓତା ମୁଖାଗ୍ନି ଦେଇଥିଲେ।



# ମନ୍ଦିର ପ୍ରତିଷ୍ଠା ଅବସରରେ ଜଳନ୍ଧର ଦରବାର

**ଡୁଙ୍ଗୁରିପାଲି, ୨।୩(ସମିସ):** ଡୁଙ୍ଗୁରିପାଲି ସ୍ୱପ୍ନେଶ୍ୱର ପିଠ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହୋଇଛି। ଶିବ ମନ୍ଦିର, ଚଣ୍ଡି ମନ୍ଦିର, ହନୁମାନ ମନ୍ଦିର, ଭୈରବ ମନ୍ଦିର, ବିନ୍ଧ୍ୟବାସିନୀ ମନ୍ଦିର ପ୍ରତିଷ୍ଠା ଚାଲିଛି। ଏହି ପରିପ୍ରେକ୍ଷୀରେ ୭ଦିନ ଧରି ଜଳନ୍ଧର ଦରବାର ଉଦ୍‌ଘାଟିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ନାୟକ, ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ପୂର୍ବତନ ସରପଞ୍ଚ ଭାଗୀରଥି ବିଶ୍ୱାଳ, ସମବାୟ ସମିତି ସଭାପତି ଦାସରଥି ବିଶ୍ୱାଳ, ଗାନ୍ଧୀ ସାହୁ, ତକ୍ଷକ ସାହୁ, କନ୍ଦର୍ପ ସାହୁ, ମୁକୁନ୍ଦ ବିଶ୍ୱାଳ, ବିପ୍ର ସାହୁ, ପବିତ୍ର ମୋହନ ପାଣ୍ଡିଆ, ନବୀନ ରଣା, ଗୋପାଳ ବାରିକ, ବିରଞ୍ଚି ସାହୁ, ଟୁନା ପାଣ୍ଡେ, ବିଜୁ ପଧାନ, ସରୋଜ ଦାସ, ସଞ୍ଜୀବ ସାହୁଙ୍କ ସହ ଗ୍ରାମର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଧର୍ମେନ୍ଦ୍ର ବିଶ୍ୱାଳ ସଭା ପରିଚାଳନା କରିଥିଲେ। ଜଗଦୀଶ ମିଶ୍ର, ଆୟୁଷ ମିଶ୍ର ପ୍ରମୁଖ ସ୍ଥାନୀୟ କଳାକାର ଅଭିନୟ କରିଥିଲେ।



# ସରକାରୀ ଯୋଜନାରୁ ବଞ୍ଚିତ ହିତାଧିକାରୀ

**ଶଗଡ଼ା, ୨।୩(ସମିସ):** ରାଜ୍ୟ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରି ଲୋକଙ୍କୁ ସହାୟତା ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି; ହେଲେ ପ୍ରଶାସନର ଅବହେଳା ଲାଗି ଖୁଣ୍ଟିଗୋରା ପଞ୍ଚାୟତ ଖଇରମାଳ ଗ୍ରାମର ଅନେକ ହିତାଧିକାରୀ ଆଜି ପର୍ଯ୍ୟନ୍ତ ସରକାରଙ୍କ ଅନେକ ଯୋଜନାରୁ ବଞ୍ଚିତ। ବିଧବା ଭତ୍ତା, ମଧୁବାବୁ ପେନସନ, ରାସନ କାର୍ଡ, ଆବାସ ଯୋଜନା ଆଦି ଅନେକ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କୁ ମିଳୁନି। ହିତାଧିକାରୀ ବାରମ୍ବାର ଆବେଦନ କରି ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଛନ୍ତି। ଗ୍ରାମର ଧୀର ଭୋଇଙ୍କ ସ୍ୱାମୀ ଗତ ୪ବର୍ଷ ହେବ ଆରପାରିକୁ ଚାଲି ଯାଇଥିଲେ ସୁଦ୍ଧା ସେ ବିଧବା ଭତ୍ତା ପାଇବାରୁ ବଞ୍ଚିତ। ଏତେ ବିଳମ୍ବକୁ ନେଇ ଅଶାନ୍ତି ପ୍ରକାଶ କରିଛନ୍ତି ଧୀର। ସେହିଭଳି ଗ୍ରାମର ପୁଷ୍ପାଞ୍ଜଳି ଭୋଇ, କରଫୁଲ ମାଝୀ, ସଂଯୁକ୍ତା ଭୋଇ, ବିଶେଶ୍ୱର ଭୋଇ, ଲମ୍ବୋଦର ମାଝୀ ଓ ନେପୁର ଭୋଇ ପ୍ରମୁଖ ହିତାଧିକାରୀ ରାସନ୍ କାର୍ଡ ଓ ମଧୁବାବୁ ପେନସନ ଆଦି ଯୋଜନାରୁ ବଞ୍ଚିତ ହୋଇଛନ୍ତି।



# ଦେଓଗାଁରେ ଏକ୍ସପ୍ରେସ ଟ୍ରେନ ରହଣି ଉପେକ୍ଷାକୁ ନେଇ ଅସନ୍ତୋଷ

**ଦେଓଗାଁ, ୨।୩(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ରେଳଷ୍ଟେସନ ଠାରେ ଦୀର୍ଘ ବର୍ଷ ହେଲା ଏକ୍ସ ପ୍ରେସ ଟ୍ରେନ୍ ଇସ୍ପାତ ଓ ପୁରୀ ଦୁର୍ଗ ରହୁଣୀ ପାଇଁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ହେଲେ ଉକ୍ତ ଦାବି ଉପରେ ବାରମ୍ବାର ଉପେକ୍ଷା କରାଯାଉଥିବାରୁ ଏବେ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଦେଓଗାଁ ଓ ଜରାସିଂହା ଅଞ୍ଚଳବାସୀ ପକ୍ଷରୁ ଶନିବାର ଅପରାହ୍ନରେ ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ସରପଞ୍ଚଅଞ୍ଜନିନା ଛତ୍ରିଆଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ଇତି ମଧ୍ୟରେ ଦେଓଗାଁ ରେଳ ଷ୍ଟେସନର ନବୀକରଣ ହୋଇଥିବାବେଳେ ଗମନାଗମନର ମଧ୍ୟ ସୁବ୍ୟବସ୍ଥା ହୋଇଛି। ଏହା ସହ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଆବଶ୍ୟକ ଟିକେଟ ବିକ୍ରି ମଧ୍ୟ ହେଉଛି। ଏହି ଷ୍ଟେସନ ଉପରେ ଦେଓଗାଁ ବ୍ଲକର ୨୬ ଟି ପଞ୍ଚାୟତର ୧୨୬ ଖଣ୍ଡ ଗାଁ ତଥା ଗୁଡଭେଲା ବ୍ଲକର ତୁଷୁରା ବିଜ୍ଞାପିତ ଅଞ୍ଚଳ ଓ ସଦର ବ୍ଲକର ପ୍ରାୟ ଆଠଟି ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ ରହୁଥିବାବେଳେ ଏକ୍ସପ୍ରେସ ଟ୍ରେନ ରହଣି କାହିଁକି ହୋଇପାରୁନାହିଁ ବୋଲି ପ୍ରଶ୍ନ ଉଠିଥିଲା। ବାରମ୍ବାର ଏନେଇ ସ୍ଥାନୀୟ ଏମ୍‌ପି ସଙ୍ଗିତା କୁମାରୀ ସିଂଦେଓ ତଥା ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓକୁ ଅଞ୍ଚଳର ବିଭିନ୍ନ ସଂଗଠନ ତଥା ଅଞ୍ଚଳବାସୀଙ୍କ ତରଫରୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବି ଉପରେ ଅଦ୍ୟାବଧି କୌଣସି ପଦକ୍ଷେପ ନ ହେବାରୁ ପୁଣି ଏକ ରେଳରୋକ ଆନ୍ଦୋଳନ ପାଇଁ ରବିବାର ଅପରାହ୍ନ ୩ ଟାରେ ଦେଓଗାଁ ବଜାର ପ୍ରାଙ୍ଗଣରେ ସମସ୍ତ ପଞ୍ଚାୟତବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିବାପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିଶ୍ୱଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ

**ସାହାଜପାଲ, ୨।୩(ସମିସ):** ବୌଦ୍ଧ ବ୍ଲକ ତାଳସରଡା ପଞ୍ଚାୟତ ସାହାଜପାଲ ଜଗନ୍ନାଥ ମନ୍ଦିର ପାଖରେ ଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ଦିନରୁ ଅଚଳ ଅବସ୍ଥାରେ ପଡ଼ି ରହିଛି। ଏହି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉପରେ ସାହାଜପାଲ ବଜାର ଛକର ଜନସାଧାରଣ ଓ ଦୂର ଦୁରାନ୍ତରୁ ଆସୁଥିବା ଜନସାଧାରଣ ନିର୍ଭର କରିଥାନ୍ତି। ଏହି ଛକ ଉପରେ କୌଣସି ନଳକୂପ ନ ଥିବାରୁ ସାଧାରଣ ଜନତା ପାଣି ପିଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେଠୁ ଗ୍ରୀଷ୍ମ ପ୍ରବାହର ଖରା ବଢ଼ିବାରେ ଲାଗିଲାଣି। ତେଣୁ ତୁରନ୍ତ ଅଚଳ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସଜାଡ଼ିବା ପାଇଁ ଦାବି ହେଉଛି।



# ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ, ୨।୩(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ସଭା ଗୃହରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ହେବାକୁ ଥିବା ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଲାଠୋର ଥାନା ଅଧିକାରୀ ରାକେଶ ବେହେରା, ସିଡିପିଓ ସୁଜାତା ଦୋରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ଯୋଗଦେଇ ଥିଲେ। ଆଗାମୀ ୬ ତାରିଖରେ ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପାଇଁ ସ୍ଥିରୀକୃତ ହୋଇଥିଲା। ବ୍ଲକର ବିଭିନ୍ନ ଗାଁରୁ ଅନୁସୂଚୀତ ଜନଜାତିଙ୍କ ସଂସ୍କୃତି, ପରମ୍ପରା, ଲୋକନୃତ୍ୟ, ଲୋକବାଦ୍ୟ ଆଦି ପରିବେଷିତ ହେବ ବୋଲି ଜଣାଯାଇଛି।



### ପ୍ରେମ ନିବେଦନରେ ବିଫଳ ପରେ ପ୍ରତିଶୋଧପରାୟଣ

## ଶିକ୍ଷୟିତ୍ରୀଙ୍କ ସ୍କୁଟି ଜାଳିଦେଲା ସିଆରପିଏଫ୍ ଯବାନ

**ଦେବଗଡ଼, ୨।୩(ସମିସ):** ଜଣେ ବିବାହିତ ସିଆରପିଏଫ ଯବାନ ଜଣେ ଶିକ୍ଷୟିତ୍ରୀଙ୍କୁ କିଛିଦିନ ଧରି ପିଛା କରିବା ସହ ପ୍ରେମ ନିବେଦନ କରି କଥା ହେବାକୁ ବାଧ କରି ବିଫଳ ହେବା ପରେ ପ୍ରତିଶୋଧ ପରାୟଣ ହୋଇଉଠିଛି। ମୋବାଇଲ ଫୋନ ନମ୍ବର ପାଇ ବାରମ୍ବାର ଫୋନ୍ କରି ଅନାବଶ୍ୟକ କଥା କହୁଛି। ଏଣୁ ଶିକ୍ଷୟିତ୍ରୀ ଜଣକ ଅଭିଯୁକ୍ତ ଆଲୋକର ଫୋନ୍‌କୁ ବ୍ଲକ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଆଲୋକ ଶିକ୍ଷୟିତ୍ରୀ ଜଣକ ବସ୍ ଯୋଗେ



ସ୍କୁଲକୁ ଯିବାପାଇଁ ରାସ୍ତାରେ ଛିଡା ହୋଇଥିବା ବେଳେ ସେଠାରେ ପହଞ୍ଚି ଧମକ ଦେବା ସହ କଥା ହେବାକୁ ଜିଦ ଧରିଥିଲା; ମାତ୍ର ଗାଡ଼ି ଆସିବାରୁ ଶିକ୍ଷୟିତ୍ରୀ ଜଣକ ବସ୍‌ରେ ଚଢ଼ି ସ୍କୁଲକୁ ଚାଲି ଯାଇଥିଲେ। ସନ୍ଧ୍ୟାରେ ଶାଶୁଙ୍କ ଚିକିତ୍ସା ପାଇଁ ସ୍ୱାମୀଙ୍କ ସହ ଡାକ୍ତରଖାନା ଆସିଥିବା ବେଳେ ଆଲୋକ ଶିକ୍ଷୟିତ୍ରୀଙ୍କ ଘରକୁ ଯାଇଥିବା ସେ ଜାଣିବାକୁ ପାଇଥିଲେ। ତେବେ ଚିକିତ୍ସାଳୟରୁ ଫେରି ସନ୍ଧ୍ୟାରେ ଶିକ୍ଷୟିତ୍ରୀ ଜଣକ ଘରେ ସ୍କୁଟି ରଖି ଖିଆପିଆ ସାରି ଶୋଇଥଲେ। ରାତି ପ୍ରାୟ ୨ଟାରେ ତାଙ୍କ ସ୍କୁଟି ଜଳୁଥିବା ସେ ଝର୍କାରୁ ଦେଖିଥିଲେ। କିଛି ସମୟ ପରେ ସ୍କୁଟିଟି ସମ୍ପୂର୍ଣ୍ଣ ଜଳି ଯିବା ସହ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ଆଲୋକର ସମ୍ପୃକ୍ତି ଥିବା ସନ୍ଦେହ କରି ଶିକ୍ଷୟିତ୍ରୀ ଜଣକ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦେବଗଡ଼ ଥାନା ପୁଲିସ ଅଭିଯୁକ୍ତ ସିଆରପିଏଫ ଯବାନ ଆଲୋକକୁ ଥାନାରେ ଅଟକ ରଖି ପଚରାଉଚୁରା କରିଛି। ଆଲୋକ ଏହି କାଣ୍ଡ ଭିଆଇଥିବା ସ୍ୱୀକାର କରଛି। କ୍ଷତିପୂରଣ ପ୍ରଦାନ ପାଇଁ ଅଭିଯୋଗକାରିଣୀ ଶିକ୍ଷୟତ୍ରୀଙ୍କୁ ସେ ଅନୁରୋଧ କରି ମାମଲା ପ୍ରତ୍ୟାହାର ପାଇଁ ନେହୁରା ହୋଇଛି।

ବିଳମ୍ବିତ ରାତିରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଘରେ ପଶି ତାଙ୍କ ସ୍କୁଟି ଜାଳି ଦେଇଥିବା ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ସିଆରପିଏଫ ଯବାନକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

ଦେବଗଡ଼ ଥାନା ଅଞ୍ଚଳର ଜଣେ ବିବାହିତଛନ୍ତି। ସିଆରପିଏଫ ଯବାନ ଭାବେ କାର୍ଯ୍ୟରତ ବସାଲଇ ଗ୍ରାମର ଆଲୋକ ସାମଲ ନାମକ ଜଣେ ବିବାହିତ ଯୁବକ କିଛିଦିନ ପୂର୍ବେ ନବରଙ୍ଗପୁର ଜିଲାରୁ ଛୁଟିରେ ଗାଁକୁ ଆସିଛି। ପଡୋଶୀ ଗ୍ରାମର ଜଣେ ବିବାହିତା ଶିକ୍ଷୟିତ୍ରୀଙ୍କୁ ସେ ପିଛା କରୁଛି। କୌଣସି ପ୍ରକାରେ ଉକ୍ତ ଶିକ୍ଷୟତ୍ରୀଙ୍କ

## ନାମ ଫଳକରେ ବଦଳି ଯାଉଛି ପୌରାଧ୍ୟକ୍ଷାଙ୍କ ନାମ

**ଝାରସୁଗୁଡ଼ା, ୨।୩(ସମିସ)**

ବ୍ରଜରାଜନଗର ପରେ ଏବେ ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ପୌର ଉପାଧ୍ୟକ୍ଷାଙ୍କ ସହ ଶାସକ ବିଜେଡି ଦଳର କାଉନସିଲର। ବେଲପାହାଡ଼ ଗୁମାଡେରାସ୍ଥିତ ନବ ଦାସ ଫାଉଣ୍ଡେସନ କାର୍ଯ୍ୟାଳୟରେ ବେଲପାହାଡ଼ ପୌର ଉପାଧ୍ୟକ୍ଷା ରୀନା ସୁନାଙ୍କ ସହ ଶାସକ ଦଳର କାଉନସିଲରଙ୍କ ଶନିବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀ କହିଛନ୍ତି ଯେ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ମାର୍ଚ୍ଚ ୧ ତାରିଖ ଦିନ ପୌର ପରିଷଦ ଅନ୍ତର୍ଗତ ୧୬ ନମ୍ବର ୱାର୍ଡ଼ର ଯୋରାବଗା ଠାରେ ମୋଟ ୩ ଲକ୍ଷ ୮୨ ହଜାର ୪୦୦ ଟଙ୍କା ବ୍ୟୟ ଅଟକଳରେ ଏକ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭ ଉଦଘାଟନ କରାଯାଇଥିଲା। କାର୍ଯ୍ୟର ବିବରଣୀ ଫଳକରେ ପୌର ଉପାଧ୍ୟକ୍ଷା ରୀନା ସୁନାଙ୍କ ନାମ ନ ରହି କାଉନସିଲର ଗୀତାରାଣୀ ପାନଙ୍କୁ ପୌର ଉପାଧ୍ୟକ୍ଷା ଲେଖା ଯାଇଥିବାରୁ ପୌର ଉପାଧ୍ୟକ୍ଷାଙ୍କ ସହ ଶାସକ ଦଳର ସମସ୍ତ ବିଜେଡି କାଉନସିଲରଙ୍କ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ପୌର ଉପାଧ୍ୟକ୍ଷା ରୀନା ସୁନା ପୌର ନିର୍ବାହୀ ଅଧିକାରୀ





- ବ୍ରଜରାଜନଗର ପରେ ଏବେ ବେଲପାହାଡ଼
- ପୌର ଉପାଧ୍ୟକ୍ଷାଙ୍କୁ ନିର୍ବାହୀ ଅଧିକାରୀଙ୍କ ଉପେକ୍ଷା ଅଭିଯୋଗ

ମଧୁସ୍ମିତା ସିଂଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିବା ବେଳେ ସେ ଉତ୍ତର ମଧ ଦେଇ ନ ଥିଲେ। ଏପରିକି ପୌର ଉପାଧ୍ୟକ୍ଷା ଓ କେତେକ କାଉନସିଲର ପୂର୍ବାହ୍ନ ୧୧ଟାରେ ପୌର କାର୍ଯ୍ୟାଳୟକୁ ଯାଇ ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ଉଦ୍ୟମ କରିଥିଲେ। ହେଲେ ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟରେ ଥାଇ ମଧ ଆସୁଛି କହି ମଧ୍ୟାହ୍ନ ୨ଟା ଯାଏ ନିଜ ଅଫିସକୁ ଆସି ନ ଥିଲେ ବୋଲି ପୌର ଉପାଧ୍ୟକ୍ଷା ଅଭିଯୋଗ କରିଛନ୍ତି। ଏପରିକି ବିଭିନ୍ନ କାର୍ଯ୍ୟକ୍ରମରେ ଶାସକ ଦଳର କାଉନସିଲରଙ୍କୁ ସଠିକ୍ ସୂଚନା ମଧ୍ୟ ଦିଆଯାଉନାହିଁ ବୋଲି ପୌର ଉପାଧ୍ୟକ୍ଷା ଅଭିଯୋଗ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୌର ଉପାଧ୍ୟକ୍ଷା ରୀନା ସୁନା, ପୌର କାଉନସିଲର ଯୁଧିଷ୍ଠିର ମୁଖୀ, ବିଭୀଷଣ ରାଉତ, ପ୍ରଶାନ୍ତ ରାଉତ, ସଞ୍ଜୟ ଯାଦବ, ଶକୁନ୍ତଳା ମହନ୍ତ, ନିକି କାଲୋ, କିରନ ମରେଇ, ଆଶା ତ୍ରିପାଠୀ, ଅର୍ଜିନା ବେଗମ, ସଞ୍ଜୀବ କିଶାନ, ସୁମନ୍ତି କିଶାନ ପ୍ରମୁଖ ଉପସ୍ଥିତ ଥିଲେ। ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କ ହସ୍ତକ୍ଷେପ ପରେ ୱାର୍କସ ବିଭାଗୀୟ ଜଣେ ବରିଷ୍ଠ ଅଧିକାରୀ ଉପାଧ୍ୟକ୍ଷାଙ୍କୁ କ୍ଷମା ପ୍ରାର୍ଥନା କରିଥିବା ନଗରପାଳ କହିଛନ୍ତି।

## ଗୁଆଲାପଡ଼ାରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ; ଜଣେ ଗିରଫ

**ବ୍ରଜରାଜନଗର, ୨।୩(ସମିସ):** ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ଗୁଆଲାପଡ଼ା ନିକଟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ସହିତ ମାଡ଼ପିଟ ହୋଇଛି। ସୂଚନାନୁଯାୟୀ, ସନ୍ତୋଷ ଦାଶ ଗୁଆଲାପଡ଼ାର ଏକ ଦୋକାନ ନିକଟରେ ଥିବା ସମୟରେ କୌଣସି କାରଣରୁ ଉପେନ୍ଦ୍ର ରାଏ ଓ ଜିତେନ୍ଦ୍ର ରାଏଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବଚସା ବୃଦ୍ଧି ପାଇବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ହୋଇଥିଲା। ଗଣ୍ଡଗୋଳକୁ ନେଇ ସନ୍ତୋଷ ଦାସଙ୍କ ପକ୍ଷରୁ ବ୍ରଜରାଜନଗର ଥାନାରେ ଅଭିଯୋଗ ହେବା ପରେ ଏହି ଗଣ୍ଡଗୋଳ ଘଟଣାରେ ଶନିବାର ଜିତେନ୍ଦ୍ରଙ୍କୁ ଗିରଫ କରାଯାଇଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯିବା ସହ ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି।

## ରିଆମାଳ ଓ ବାରକୋଟ ବ୍ଲକକୁ ରାଜସ୍ୱ ଉପଖଣ୍ଡ, ଏନ୍ଏସି ଘୋଷଣା ଦାବି

**ଦେବଗଡ଼, ୨।୩(ସମିସ):** ଦେବଗଡ଼ ଜିଲ୍ଲାର ରିଆମାଳ ଓ ବାରକୋଟ ବ୍ଲକକୁ ରାଜସ୍ୱ ଉପଖଣ୍ଡ ଓ ଏନଏସି ଭାବେ ଘୋଷଣା କରିବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କୁ ପ୍ରଦାନ କରାଯାଇଛି। ଦାବି ପତ୍ର ପ୍ରଦାନ ବେଳେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



## ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ରାଷ୍ଟ୍ରପତି

**ଝାରସୁଗୁଡ଼ା, ୨।୩ (ସମିସ):** ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ରାଷ୍ଟ୍ରପତି ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ପୂର୍ବାହ୍ନ ୧୦.୧୦ରେ ପହଞ୍ଚି ଥିଲେ। ସେଠାରୁ ହେଲିକ୍ୟାପ୍ଟର ଯୋଗେ ରେଢାଖୋଲ ଯାତ୍ରା କରି ପୁଣି ସନ୍ଧ୍ୟା ୫ଟା ୫ରେ ଝାରସୁଗୁଡ଼ା ଆସି ଦିଲ୍ଲୀ ଫେରି ଯାଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ନେଇ ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ସେଠାରେ ମନ୍ତ୍ରୀ ସାରଦା ନାଏକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ଝାରସୁଗୁଡ଼ା ଏସପି ପରମାର ସ୍ମିଥ ପୁରୋଷତ୍ତମଦାସ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାନସିକ ରୋଗୀଙ୍କ ଉନ୍ମତ୍ତକାଣ୍ଡ

**ଝାରସୁଗୁଡ଼ା, ୨।୩(ସମିସ):** ବାଲିଜୁରିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଅପରାହ୍ନ ୪ଟାରେ ଏକ ମାନସୀକ ରୋଗୀଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଭର୍ତ୍ତିର୍ କରାଯାଇଥିଲା। ଡାକ୍ତରଖାନାରେ ମାନସୀକ ରୋଗୀଙ୍କ ଉନ୍ମତ୍ତ କାଣ୍ଡ ପରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନେ ବହୁ କଷ୍ଟରେ ତଙ୍କୁ କାବୁ କରି ମାନସିକ ରୋଗୀ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଛନ୍ତି।

## ଦେଢ଼ଲକ୍ଷ ଟଙ୍କା ସାଇବର ଠକେଇ

**ଝାରସୁଗୁଡ଼ା, ୨।୩(ସମିସ):** ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଏକାତାଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଶନିବାର ଅପରାହ୍ନରେ ଦେଢ଼ ଲକ୍ଷ ଟଙ୍କା ସାଇବର ଠକେଇ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଏକାତାଲି ଗ୍ରାମର ଅତୁଳ କର ନାମକ ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦେଢ଼ ଲକ୍ଷ ଟଙ୍କାର କଟି ଯାଇଥିବା ନେଇ ମେସେଜ ଆସିବା ପରେ ଏନେଇ ବ୍ୟାଙ୍କ ସହିତ ଯୋଗାଯୋଗ କରିବାରୁ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରି ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛି।

## ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

**ଝାରସୁଗୁଡ଼ା, ୨।୩(ସମିସ):** କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ନିକଟସ୍ଥ ଚମ୍ପାପଡ଼ା ପ୍ରହରୀମଣ୍ଡପଠାରେ ଜଣେ ବ୍ୟକ୍ତିଙ୍କ ମୃତ ଦେହକୁ ଲଇକେରା ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ହଳଦିଆ ଧୋତି ଓ ଗାମୁଛା ପିନ୍ଧିଥିବା ବେଳେ ତାଙ୍କର ପାଖରେ କିଛି ବାସନ ଓ ଏକ ବ୍ୟାଗ ରହିଥିଲା। ଉକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। କିଛିଦିନ ହେବ ସେ ଏହି ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳିଥିଲା। ଚମ୍ପାପଡ଼ା ଠାରେ ଏହି ଅଜଣା ବ୍ୟକ୍ତିଙ୍କ ମୃତ ଦେହ ମିଳିବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଜେଏସ୍‌ସିସି କ୍ଲବ୍ ୧୭ତମ କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ

## ଜୁନାଡ଼ିହକୁ ହରାଇ ବିଶିପାଲି ଚାମ୍ପିଅନ

**ଲଖନପୁର, ୨।୩(ସମିସ):** ବିରେନବନ୍ଧ ଜେଏସ୍‌ସିସି କ୍ଲବ ଆନୁକୂଲ୍ୟରେ ୧୭ତମ କ୍ରିକେଟ ମ୍ୟାଚ ଉଦ୍‌ଯାପିତ ହୋଇଯାଇଛି। ଏହି ମ୍ୟାଚରେ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଜୁନାଡ଼ିହି ଓ ବିଶିପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୁନାଡ଼ିହି ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯୧ ରନ କରିଥିଲା। ବିଶିପାଲି ଦଳ ୭, ୩ ଓଭରରେ ୩ ୱିକେଟ୍ ହରାଇ ନିର୍ଦ୍ଧାରିତ ରନ ସଂଗ୍ରହ କରି ଚାମ୍ପିଅନ ହୋଇଛି। ଦଳ ପକ୍ଷରୁ ରଞ୍ଜନ ଧୂଆଁଧାର ବ୍ୟାଟିଂ କରି ୯ ଗୋଟି ବଲରେ ୨୯ ରନ ସଂଗ୍ରହ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ବିଶିପାଲିର ରଞ୍ଜନ, ଶ୍ରେଷ୍ଠ ବୋଲର କ୍ଷୀରୋଦ ଓ ଜୁନାଡ଼ିହି ଦଳର ଲୁଡୁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷ ଅକ୍ଷୟ କୁମାର ସାହୁ, ସମ୍ମାନିତି ଅତିଥି ସୁନାରୀ ସରପଞ୍ଚ ନନ୍ଦିନୀ ସାହୁ, ପଣ୍ଡରି ସମିତିସଭ୍ୟା କ୍ଷୀରବତୀ ସାହୁ, ନାଏବ ସରପଞ୍ଚ ପବିତ୍ର ପଣ୍ଡା ବିଜେତା ଓ ଉପ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବିରେନବନ୍ଧ ଗ୍ରାମବିକାଶ କମିଟିର ସଭାପତି ପରମେଶ୍ୱର ମହାପାତ୍ର, ସମ୍ପାଦକ ଜଗଦୀଶ ପାଣ୍ଡେ, ପଦ୍ମଲୋଚନ ପାଣ୍ଡେ ଓ ଗ୍ରାମର ଭଦ୍ର ବ୍ୟକ୍ତି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



## ୨୦୨୪ ନିର୍ବାଚନ ବର୍ଜନ କରିବାକୁ ଗୌଡ଼ପଡ଼ାବାସୀଙ୍କ ଚେତାବନୀ

**ଝାରସୁଗୁଡା, ୨।୩(ସମିସ):** ବିସ୍ଥାପନ ସମସ୍ୟାର ସମାଧାନ ନ ହେବାରୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ବର୍ଜନ କରିବାକୁ ଏମସିଏଲ୍ କ୍ଷତିଗ୍ରସ୍ତ ଝାରସୁଗୁଡ଼ା ଜିଲା ଯୋରାବଗା ଗୌଡ଼ପଡ଼ାବାସୀ ଚେତାବନୀ ଦେଇଛନ୍ତି। ଏନେଇ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବେଲପାହାଡ ପୌରପରିଷଦ ୱାର୍ଡ ନମ୍ବର ଯୋରାବଗା ଗୌଡ଼ପଡ଼ାବାସୀଙ୍କ ଅଭିଯୋଗ କ୍ରମେ ୧୯୮୩ ମସିହାରେ ଗ୍ରାମର କିଛି ଅଂଶକୁ ମହାନଦୀ କୋଇଲା ଖଣି ପକ୍ଷରୁ ଅଧିଗ୍ରହଣ କରିଥିଲେ। ଏଥିରେ ଗ୍ରାମର ପାଖାପାଖି ୧୦୦ ଏକର ଜମି ଅଧିଗ୍ରହଣ ହୋଇଥିଲା। ଏହି ଅଧିଗ୍ରହଣରେ ଗୌଡ଼ପଡ଼ାଟି ସମ୍ପୂର୍ଣ୍ଣ ରୂପେ କୋଇଲା ଖଣିରେ ଯାଇଥିଲେ ହେଁ ସେହି ସମୟରେ ଗୌଡ଼ପଡ଼ାବାସୀଙ୍କୁ ସମ୍ପୂର୍ଣ୍ଣ ବିସ୍ଥାପିତ କରା ନ ଯାଇ ଏଠାରେ ରହିବା ପାଇଁ ବାଧ୍ୟ କରାଗଲା। ଗତ ତା ୨୪।୭।୨୦୨୧ରେ ତତ୍କାଳୀନ ଝାରସୁଗୁଡା ଉପ ଜିଲ୍ଲାପାଳ, ଲଖନପୁର ତହସିଲଦାର, ବ୍ରଜରାଜନଗର ଉପଖଣ୍ଡ ପୁଲିସ ଅଧିକାରୀ, ଲଖନପୁର କୋଇଲା ଖଣି କ୍ଷେତ୍ରର ମହାପ୍ରବନ୍ଧକଙ୍କ ଉପସ୍ଥିତିରେ ଗୌଡ଼ପଡ଼ାବାସୀଙ୍କ ବିରୋଧ ସତ୍ତ୍ୱେ ଖଣି କାର୍ଯ୍ୟ ଆରମ୍ଭ ହେଲା। ଏହି ସମୟରେ ସମସ୍ତ ପରିବାରଙ୍କୁ ୪ ଡିସମିଲ ଲେଖାଏଁ ଜମି ସହିତ ୮ ଲକ୍ଷ ଟଙ୍କା କ୍ଷତିପୂରଣ, କ୍ଷତିଗ୍ରସ୍ତ ସୁକବାସୀ ପ୍ରଜାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ୨ ଲକ୍ଷ ଟଙ୍କା ସହାୟତା ଆଦି ସମସ୍ତ ପ୍ରକାର ସାଧାରଣ ମୌଳିକ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ତାହା ପୂରଣ ହୋଇପାରିଲା ନାହିଁ। ଏହି ପଡ଼ାରୁ ମାତ୍ର ୧୦ ମିଟର ଦୂରତାରେ ଖଣି କାର୍ଯ୍ୟ ପରିଚାଳିତ ହେଉଛି। ପ୍ରତିଦିନ ଏକାଧିକ ଭାରି ମାତ୍ରାରେ ଖଣି ବିସ୍ଫୋରଣ ସାଙ୍ଗକୁ ଧୂଳି ଧୂଆଁରେ ଲୋକେ ସର୍ବଦା ଅଧିକୃତ ସ୍ଥାନ ହୋଇଥିବାରୁ ପୌରପରିଷଦ ଏଠାରେ କୌଣସି ବିକାଶମୂଳକ କାର୍ଯ୍ୟ କରୁନାହିଁ। ଅନ୍ୟ ପକ୍ଷରେ ମହାନଦୀ କୋଇଲା ଖଣି ମଧ କୌଣସି ପ୍ରକାରର ସହଯୋଗ କରୁନାହିଁ। ଏହିପରି ସ୍ଥିତିରେ ପଡ଼ାବାସୀ ଏଠାରେ କେମିତି ରହିବେ ସେନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏମସିଏଲ



ଅତିଷ୍ଠ ରହୁଛନ୍ତି। ଏମିତିକି ଏଠାରେ ଥିବା ଆଶ୍ରମ ବିଦ୍ୟାଳୟରୁ ମାତ୍ର ୩୦ ମିଟର ଛାଡି ଖଣି କାର୍ଯ୍ୟ ଚାଲିଛି। ସ୍କୁଲ ମଧ ଧୂଳିଧୂଆଁରେ ଭର୍ତ୍ତି ହୋଇଯାଉଛି। ୨୦୧୭ରୁ ଘର ମାପ ସରିଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାର କ୍ଷତିପୂରଣ ଟଙ୍କା ମିଳିନାହିଁ। ପାଖରେ ଖଣି ଥିବାରୁ ପାନୀୟ ଜଳ ସହିତ ପୋଖରୀର ପାଣି ମଧ ଶୁଖିଯାଉଛି। ବିସ୍ଫୋରଣ ଯୋଗୁଁ ଘର ଗୁଡିକରେ ଫାଟ ହୋଇଗଲାଣି। ମହିଳାମାନଙ୍କ ଶୌଚ ଓ ଗାଈଗୋରୁ ଚରିବା ପାଇଁ ମଧ ଆଉ ସ୍ଥାନ ନାହିଁ। ଏମସିଏଲ୍ ବିସ୍ଥାପନ ସମସ୍ୟାର ସମାଧାନ ପାଇଁ ଅନ୍ୟ ପଟରେ ସମଗ୍ର ଯୋରାବଗାବାସୀ ନିଜକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବାକୁ ଦାବି କରିଆସିଛନ୍ତି। ସେମାନଙ୍କୁ ଉଚିତ ନ୍ୟାୟ ଓ ସୁବିଧା ଦିଆଯାଉ ନ ହେଲେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବେ ବୋଲି ଗୌଡ଼ପଡ଼ାବାସୀ ଚେତାବନୀ ଦେଇଛନ୍ତି। ଏମସିଏଲ ବିରୋଧରେ ମାର୍ଚ୍ଚ ୫ ତାରିଖ ଦିନ ଝାରସୁଗୁଡ଼ା ବେହେରାମାଲଠାରୁ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯିବ ବୋଲି ଜଣାପଡ଼ିଛି।

## ଲଖନପୁର ବ୍ଲକ ବିଭାଜନ ଦାବିରେ ଅଧିକାର ପଦଯାତ୍ରା

**ଝାରସୁଗୁଡ଼ା/ଲଖନପୁର, ୨।୩(ସମିସ)**

ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକକୁ ୩ଟି ବ୍ଲକରେ ବିଭାଜନ ଦାବିରେ ଲଖନପୁର ବ୍ଲକ ନାଗରିକ ପରିଷଦ ପକ୍ଷରୁ ଅଧିକାର ପଦଯାତ୍ରା ଆରମ୍ଭ କରଯାଇଛି। ସେମେଲିଆ ଗ୍ରାମ ଶିବ ମନ୍ଦିରରୁ ଏହି ପଦଯାତ୍ରା ଆଜି ଆରମ୍ଭ ହୋଇ ଆସନ୍ତା ୭ ତାରିଖରେ ଝାରସୁଗୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ଲଖନପୁର ବ୍ଲକକୁ ୩ ଗୋଟି ବ୍ଲକରେ ବିଭାଜନ ଏବଂ ଲଖନପୁର ତହସିଲ ଅଞ୍ଚଳକୁ ସବଡିଭିଜନ ମାନ୍ୟତା ପାଇଁ ଜିଲ୍ଲାପାଳଙ୍କୁ ନାଗରିକ ପରିଷଦ ଦାବିପତ୍ର ପ୍ରଦାନ କରିବ। ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକ ଓଡ଼ିଶାର ଦ୍ୱିତୀୟ ସର୍ବବୃହତ ବ୍ଲକ। ୩୩ ଟି ପଞ୍ଚାୟତକୁ ନେଇ ଏହି ବ୍ଲକ ଗଠିତ ହୋଇଛି। ସୀମାନ୍ତ ଅଞ୍ଚଳରୁ ବ୍ଲକ କାର୍ଯ୍ୟାଳୟକୁ ଲୋକେ ଆସିବା ପାଇଁ ବହୁ




ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ସରକାରଙ୍କ ସମସ୍ତ ଉନ୍ନୟନମୂଳକ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଲୋକଙ୍କ ସୁବିଧା ତଥା ସରକାରୀ ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ଲଖନପୁର ବ୍ଲକ ବିଭାଜନ ଏବଂ ଲଖନପୁର ତହସିଲ ଅଞ୍ଚଳକୁ ଏକ ସବଡିଭିଜନ ସ୍ଥାପନର ଆବଶ୍ୟକତା ରହିଛି ବୋଲି ଲଖନପୁର ନାଗରିକ ପରିଷଦ ପକ୍ଷରୁ କୁହାଯାଇଛି। ଏନେଇ ଦୀର୍ଘ ବର୍ଷରୁ ଲଖନପୁର ବ୍ଲକବାସୀ ଦାବି ଏବଂ ଆନ୍ଦୋଳନ କରୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ତେବେ ଲଖନପୁର ବ୍ଲକକୁ ୩ ଟି ବ୍ଲକରେ ବିଭାଜନ ଏବଂ ଲଖନପୁର ତହସିଲ ଅଞ୍ଚଳକୁ ଏକ ସବଡିଭିଜନର ମାନ୍ୟତା ପ୍ରଦାନ ପାଇଁ ସରକାର ଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି ଲଖନପୁର ବ୍ଲକ ନାଗରିକ ପରିଷଦ ପକ୍ଷରୁ କୁହାଯାଇଛି। ୧୯୫୮ ମସିହାରେ ୧୨୪ ବ୍ଲକ ପରେ ୧୯୬୧ରେ ୨୧୪, ୧୯୬୩ରେ ୩୦୪, ୧୯୮୪ରେ ୩୧୪ ବ୍ଲକ ଗଠନ ହୋଇଥିଲା। କିନ୍ତୁ ଏହାପରେ ଆଉ ବ୍ଲକ ଗଠନ ହୋଇପାରି ନ ଥିବାରୁ ଲଖନପୁର ବ୍ଲକ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ହୋଇ ରହିଯାଇଛି। ଏହି ୩୩ ପଞ୍ଚାୟତ ବିଶିଷ୍ଟ ବ୍ଲକକୁ ବିଭାଜନ କରି ୩ଟି ବ୍ଲକ କରିବା ସହିତ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବାକୁ ଲଖନପୁର ବ୍ଲକ ନାଗରିକ ପରିଷଦ ଦାବି କରିଛନ୍ତି।

## ପର୍ଶୁରାମ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ

**ଝାରସୁଗୁଡ଼ା, ୨।୩ (ସମିସ):** ସ୍ଥାନୀୟ ସରବାହାଲସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ଶ୍ରୀ ଶ୍ରୀ ପର୍ଶୁରାମ ମନ୍ଦିର ପ୍ରଥମ ବାର୍ଷିକ ମହୋତ୍ସବ



ପ୍ରତିଷ୍ଠା ଦିବସ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ଏହି ଅବସରରେ ପଣ୍ଡିତ ପ୍ରଭାତ କୁମାର ମିଶ୍ର ଓ ସହଯୋଗୀ ପଣ୍ଡିତ ଭାବେ ବିଶେଶ୍ୱର ପାଢ଼ୀ, ଅଜୟ ମିଶ୍ର, ରଘୁନାଥ ପାଢ଼ୀ ସମସ୍ତ ବିଧିବିଧାନରେ ପୂଜା ପାଠ, ହୋମଯଜ୍ଞ, ପ୍ରସାଦସେବନ ମହାଆଡମ୍ବର ସହକାରେ କରାଯାଇଛି। ସନ୍ଧ୍ୟାରେ ଦୁଇ ଦିବସୀୟ ବାଦୀପାଲାରେ ପାଲାମଣ୍ଡଳୀ ପ୍ରତିପକ୍ଷଙ୍କର ମନ୍ତବ୍ୟ ବେଶ ରୋଚକ ହେବା ସହ ଦର୍ଶକ ଓ ଶ୍ରୋତାମାନଙ୍କୁ ଅଭିଭୂତ କରିଥିଲା। ବାଙ୍କୀ କଟକରୁ ଆସିଥିବା ପାଲା ଗାୟକ ଲକ୍ଷ୍ମୀଧର ପଣ୍ଡା ଶର୍ମା ଓ ସାଥି ଓ ସମ୍ବଲପୁରରୁ ଆସିଥିବା ରାଧେଶ୍ୟାମ ପଣ୍ଡା ଓ ସାଥି ଝାରସୁଗୁଡା ବ୍ରାହ୍ମଣ ସମାଜ ପକ୍ଷରୁ ଉପଢୌକନ, ପ୍ରଶସ୍ତିପତ୍ର ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ଏଥିରେ ବିଚାରକ ଭାବେ ପଣ୍ଡିତ ସୀତାରାମ ବିର୍ତ୍ତିଆ ଓ ପଣ୍ଡିତ ନିକୁଞ୍ଜ ବିହାରୀ ମିଶ୍ର ରହିଥିବା ବେଳେ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ସମ୍ପାଦକ ସହ ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ସହରାଞ୍ଚଳରେ ପାଲା ଲୁପ୍ତ ହୋଇଯାଉଥିବାରୁ ଏହାକୁ ବ୍ରାହ୍ମଣ ସମାଜ ଉଜ୍ଜୀବିତ କରିଥିବାରୁ ସାଧାରଣରେ ଭୂରୀ ପ୍ରଶଂସା କରାଯାଇଛି।

ସକାଳ THE SAKALA

ସମ୍ବଲପୁର
www.sakalaepaper.com

## ବିଶ୍ୱସ୍ତରୀୟ ହେବ ଭିମ୍‌ସାର

# ୯ ୫୦ କୋଟିରେ ହେବ ସମ୍ପ୍ରସାରଣ

**ସମ୍ବଲପୁର, ୨।୩ (ସମିସ)**

ଭିମସାର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯୫୦କୋଟି ଟଙ୍କାର ପ୍ରକଳ୍ପ ଭର୍ଚୁଆଲ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ମୁଖ୍ୟମନ୍ତ୍ରୀ ୯୫୦କୋଟି ଟଙ୍କାର ଭେଟି ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜି+୯ ୪୦୦ ଶଯ୍ୟା ବିଶିଷ୍ଟ ଓ ଏଣ୍ଡ ଜିୱିଙ୍ଗ୍, ଜି+୯ ୫୦୦ ଶଯ୍ୟାବିଶିଷ୍ଟ ଶିଶୁ ରୋଗ ଶାଖା, ଛାତ୍ର ହଷ୍ଟେଲ କ୍ୟାମ୍ପସରେ ଥିବା ଜି+୧ ଫୁଡ୍ କୋର୍ଟ, ଗୋଟିଏ ଇନଡୋର ସ୍ପୋର୍ଟସ କମ୍ପ୍ଲେକ୍ସ, ଭିମସାର କ୍ରିକେଟ ଷ୍ଟାଡିୟମ୍‌ର ବିକାଶ ରହିଛି। ଭିମସାରରେ କ୍ରିକେଟ ଷ୍ଟାଡିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ଓଡ଼ିଶା ସରକାର ଦେଉଥିବା ଗୁରୁତ୍ୱ ବିଷୟରେ କହିଥିଲେ। ମଞ୍ଚରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଭିମସାର ନିର୍ଦ୍ଦେଶକ ଡାକ୍ତର ଭାବଗ୍ରାହୀ ରଥ, ଡ. ବଂଶୀଧର ମାଝୀ କୁଳପତି ଭିଏସ୍‌ଏସ୍‌ୟୁଟି ବୁର୍ଲା, ଡାକ୍ତର ଜୟଶ୍ରୀ ଦୋରା ଡିନ୍ ତଥା ପ୍ରିନ୍ସିପାଲ ଭିମସାର, ଡାକ୍ତର ଲାଲ ମୋହନ ନାୟକ ମେଡିକାଲ ସୁପରିଟେଣ୍ଡେଣ୍ଟ ଭିମସାର, ଡାକ୍ତର ପ୍ରଦୀପ କୁମାର ମହାନ୍ତି ରେଜିଷ୍ଟ୍ରାର ଭିମସାର, ଡାକ୍ତର ସୁଦର୍ଶନ ରେଜିଷ୍ଟ୍ରାର (ପ୍ରଶାସନ) ଭିମସାର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡାକ୍ତର ସଚିନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟଯେ ପଶ୍ଚିମ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼ରୁ ରୋଗୀ ଭିମସାର ଉପରେ ନିର୍ଭର କରନ୍ତି। ଏବେ ରୋଗୀ ସେବାରେ ଆସିବ ଏହି ବିଶ୍ୱସ୍ତରୀୟ ହେବାକୁ ଥିବା ମେଡିକାଲ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଡାକ୍ତର ପଦବୀ ପୂରଣ କରିବା ପାଇଁ ବୁର୍ଲା ମେଡିକାଲ କଲେଜର ଛାତ୍ରଛାତ୍ରୀମାନଙ୍କ ପ୍ରସ୍ତାବ ଖୁବ୍ ଶୀଘ୍ର ପୂରଣ ହେବ। ମୁଖ୍ୟମନ୍ତ୍ରୀଙ୍କ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଗଠନ ଦିଗରେ ଏଗୁଡ଼ିକ ହେଉଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆଜି ଦିନଟି ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲ୍‌ଷ୍ଟୋନ୍। ଆଜି ଗୋଟିଏ ଦିନରେ ୫ଟି ମେଡିକାଲ କଲେଜ ହସ୍‌ପିଟାଲରେ ୨, ୯୫୦ ଶଯ୍ୟା ଯୋଡ଼ିହେଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢ଼ିଛି। ଲୋକଙ୍କୁ ଉତ୍ତମ ଚିକିତ୍ସା ଓ ସେବା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି ମଧ୍ୟ କହିଥିଲେ ଯେ ଦିନ ଥିଲା ଓଡ଼ିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ସ୍ନାତକୋତ୍ତର ପ୍ରତିଷ୍ଠାନ ଗଢ଼ିଉଠିଛି। ଆଗାମୀ ଦିନରେ ଆଉ ୩ଟି ମେଡିକାଲ କଲେଜ ମଧ୍ୟ ହେବାକୁ ଯାଉଛି। ପ୍ରତି ବର୍ଷ ଡାକ୍ତର ଓ ପାରାମେଡିକ୍ ଷ୍ଟାଫଙ୍କୁ ନିଯୁକ୍ତି ଦିଆଯାଉଛି। ଆଗରୁ ବର୍ଷକୁ ମାତ୍ର ୩୨୧ ଜଣ ଏମ୍‌ବିବିଏସ୍ ଡାକ୍ତର ଓ ୨୫୪ ଜଣ ସ୍ପେସିଆଲିଷ୍ଟ ବାହାରୁଥିଲେ। ଏବେ ୨୫୨୫ ଏମ୍‌ବିବିଏସ୍ ଡାକ୍ତର ଓ ୯୭୨ ସ୍ପେସିଆଲିଷ୍ଟ ବାହାରୁଛନ୍ତି। ବୁର୍ଲାର ଭିମ୍‌ସାର୍ ବିଶ୍ୱସ୍ତରୀୟ ହସ୍‌ପିଟାଲରେ ରୂପାନ୍ତର କରିବା ଲକ୍ଷ୍ୟ ରହିଛି। ମୋ ପାଇଁ ପ୍ରତି ଜୀବନ ମୂଲ୍ୟବାନ। ଏଥିପାଇଁ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛୁ। ଧନୀ ଗରିବ ସମସ୍ତଙ୍କୁ ସରକାରୀ ଡାକ୍ତରଖାନାଗୁଡିକରେ ମାଗଣା ଚିକିତ୍ସା ସୁବିଧା ମିଳୁଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରର ଏ ରୂପାନ୍ତରକୁ ଆମେ ସମସ୍ତେ ମିଶି ଆହୁରି ଆଗକୁ ନେବା ଓ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଜରିଆରେ ନୂଆ ଓଡ଼ିଶାର ଭିତ୍ତିଭୂମୀକୁ ମଜବୁତ କରିବା ବୋଲି କହିଥିଲେ। ଏହି ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଥିଲେ।



## ଗଛରେ ବାଇକ୍ ପିଟିହୋଇ ୨ଗୁରୁତର

**କୁଚିଣ୍ଡା, ୨।୩(ସମିସ):** କୁଚିଣ୍ଡା ଥାନା ଅନ୍ତର୍ଗତ ସିଙ୍ଗଲ ପୋଷୀ ବଳିଆମାଳପଡ଼ାର ବେଣୁଧର ଭଇଁସା(୨୩) ଓ ପ୍ରତୀକ ଖର୍ସେଲ(୨୧) ଏକ ବାଇକ୍ ଓଡ଼ି ୧୫ଆର ୩୬୪୦ ଯୋଗେ ଗାଁକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ। ବାଇକ୍‌ଟି ଦ୍ରୁତ ଗତିରେ ଥିବାରୁ ସାତକମା ବିଜାଡିହି ମଝି କାଜୁବଣ ପାଖ ବୁଲାଣିରେ ଭାରସାମ୍ୟ ହରାଇ ଏକ ଗଛରେ ବାଡ଼େଇ ହୋଇଥିଲେ। ଆଖପାଖ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ବେଣୁଧରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଛି। କୁଚିଣ୍ଡା ଡାକ୍ତରଖାନାରେ ପ୍ରତୀକଙ୍କ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ବାଇକ୍‌ଟି ଖୀପ୍ର ଗତିରେ ଥିବାରୁ ଗଛରେ ବାଡ଼େଇ ହେବା ପରେ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୁର୍‌ମାର୍ ହୋଇଯାଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କୁଚିଣ୍ଡା, ୨।୩ (ସମିସ):** ମହୁଲପାଲି ଥାନା ଅନ୍ତର୍ଗତ ବାଙ୍କେ ଗ୍ରାମର ରୁପେଶ କିସାନ(୨୩)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଶୁକ୍ରବାର ରାତିରେ ସେ ଗୁରୁତର ହୋଇପଡ଼ିଥିଲେ। ଶନିବାର ସକାଳୁ ପରିବାରବର୍ଗ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଡାକ୍ତରଖାନା ପକ୍ଷରୁ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି।

## ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ



**ସମ୍ବଲପୁର,୨।୩(ସମିସ):** ମାନେଶ୍ୱର ମାନଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫେବ୍ରୁଆରି ୧୯ ରୁ ୨୯ ଆଠଦିନ ଧରି ଅୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ୧୦୧ ଜଣ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରି ଆତ୍ମ ରକ୍ଷାର ବିଭିନ୍ନ କୌଶଳ ବାବଦରେ ତାଲିମ ଗ୍ରହଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଗଣ୍ଡାରାମ ଘଡିଏଲଙ୍କ ତତ୍ତ୍ୱବଧାନରେ ଏବଂ କ୍ରୀଡା ଶିକ୍ଷକଙ୍କ ସଂଯୋଜନାରେ ପ୍ରଶିକ୍ଷିକା ବୃନ୍ଦାବତୀ ମୁଣ୍ଡା ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ଏକ ସଭାର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ବରିଷ୍ଠ ଅଧ୍ୟାପକ ସତ୍ୟ ନାରାୟଣ ଠାକୁର, ସତ୍ୟ ନାରାୟଣ ଚୌଧୁରୀ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଖେଳ ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଧର୍ମେନ୍ଦ୍ର କୁମାର ଦାଶ, ଗ୍ରନ୍ଥାଗାରିକ ପ୍ରକାଶ କୁମାର ହୋତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ

## କେନଘାଟି ଶ୍ରୀରାମ ବାଟିକାରେ ସାଧୁସେବା





**ସମ୍ବଲପୁର,୨।୩(ସମିସ):** ସିନ୍ଦୁରପଙ୍କ କେନଘାଟି ଶ୍ରୀରାମ ବାଟିକା ଠାରେ ଅନୁଷ୍ଠିତ ହେଉଥିବା ୨୪ ପ୍ରହର ନାମଯଜ୍ଞ ସ୍ଥଳରେ ଆଜି ସାଧୁସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ଯୋଗଦାନ କରିଥିଲେ। ଏହି ଅବସରରେ କଣ୍ଟାବାଞ୍ଜି ମହନ୍ତ, ଗୋପାଳଜୀ ମଠ ମହନ୍ତ ପ୍ରମୁଖଙ୍କ ସମେତ ରାମ ରେଖାଜୀ, ଘନଶ୍ୟାମ ପୁରି ମହାରାଜ, ସମଲେଇ ମନ୍ଦିର ପୂଜକ ପ୍ରମୁଖ ସମସ୍ତ ସନ୍ଥଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ, ବ୍ୟବସାୟୀ ଅଶୋକ ଜଲା. ଅରୁଣ ପଟୱାରୀ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଓକିଲ

**କୁଚିଣ୍ଡା, ୨।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ ଓକିଲଙ୍କ ପାରିଶ୍ରମିକ ବୃଦ୍ଧି କରିଥିବାରୁ ଓକିଲଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। କୁଚିଣ୍ଡାର ସରକାରୀ ଓକିଲ ରବୀନ୍ଦ୍ର କୁମାର ନାୟକ, ବରଦା ଶର୍ମା, ସଞ୍ଜୟ ବେହେରା, ତୁଳାରାମ ବାଘ, ଅଶ୍ୱିନୀ ନାୟକ, ଅତୁଲ୍ୟ ମିଶ୍ର, କ୍ଷୀରୋଦ ବାଘ, ମଳୟ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି। ଏହାସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଆଇନ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଡିଏଚ୍‌ଏଚ୍‌ରେ ଡାକ୍ତର-କର୍ମଚାରୀ ମାର୍‌ପିଟ୍

### ଉଭୟ ପକ୍ଷରୁ ଥାନାରେ ମାମଲା

**ସମ୍ବଲପୁର, ୨।୩(ସମିସ):** ସମ୍ବଲପୁର ଜିଲ୍ଲା ସଦର ଡାକ୍ତରଖାନାରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି। ଡାକ୍ତର ଓ ସିଡିଏମ୍‌ଓ ଅଫିସ୍‌ର କର୍ମଚାରୀଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଛି। ଯାହାକୁ ନେଇ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଡାକ୍ତରମାନେ ଚିକିତ୍ସାଳୟରେ ରୋଗୀ ଚିକିତ୍ସା କରନ୍ତି। ହେଲେ ଏଠି କିଛି ଭିନ୍ନ ଦେଖିବାକୁ ମିଳିଛି। ସିଡିଏମ୍‌ଓ ଗୀତାଞ୍ଜଳି ମିଶ୍ରଙ୍କ ଅଭିଯୋଗ କ୍ରମେ ଡାକ୍ତର ପ୍ରଶାନ୍ତ ଓରାମ ଓ ଡାକ୍ତର ଦିଲ୍ଲୀପ ପାଣିଗ୍ରାହୀଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ଡାକ୍ତର ଓରାମ୍‌ଙ୍କ ଅଭିଯୋଗ କ୍ରମେ କର୍ମଚାରୀ ପ୍ରଶାନ୍ତ କୁମାର ମିଶ୍ର ଓ ଶୁକଦେବ ଦେବଗନଙ୍କ ନାମରେ ଟାଉନ ଥାନାରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଛି। ଗଡ଼ପୋଷ ଡାକ୍ତରଖାନାର ଡାକ୍ତର ପ୍ରଶାନ୍ତ କୁମାର ଓରାମ ଓ ଡାକ୍ତର ଦିଲିପ ପାଣିଗ୍ରାହୀ ସିଡିଏଓ ଅଫିସ କିରାଣୀ ସଙ୍ଗୀତା ଗୋଷଙ୍କୁ ଦୁବ୍ୟବହାର କରିବା ସହ କର୍ମଚାରୀ ପ୍ରଶାନ୍ତ କୁମାର ମିଶ୍ର, ସୁକଦେବ ଦେବଗନଙ୍କୁ ମାଡ଼ ମାରିବା ସହ କାଯ୍ୟାଳୟ ପରିସର ବିଭିନ୍ନ ବିଭାଗରେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଡାକ୍ତରଙ୍କ ସହ ଅନ୍ୟ ଦୁଇଜଣ ଯୁବକ ମଧ୍ୟ ସିଡିଏମଓ ଅଫିସର କର୍ମଚାରୀଙ୍କୁ ମାଡ଼ପିଟ କରିବା ସହ ଭଙ୍ଗାରୁଜା ଘଟଣାରେ ଥିଲେ। ଡାକ୍ତର ଓରାମ ଓ ପାଣିଗ୍ରାହୀ ସରକାରଙ୍କ ଯୋଜନାରେ ଗ୍ରାମାଞ୍ଚଳରେ କାମ କରୁଥିବା ଡାକ୍ତରମାନଙ୍କୁ ମିଳୁଥିବା ଇନସେଣ୍ଟିଭ ଟଙ୍କା ବିଲ୍ ପାସରେ ବିଳମ୍ବ ହେବା ନେଇ ଅଭିଯୋଗ କରି ମାଡ଼ପିଟ କରିଛନ୍ତି। ଆକାଉଣ୍ଟ ବିଭାଗକୁ ଯାଇ ଆକାଉଟେଣ୍ଟ ସଙ୍ଗୀତା ଗୋଷ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ କିରାଣୀ ପ୍ରଶାନ୍ତ କୁମାର ମିଶ୍ର, ସୁକଦେବ ଦେବଗନଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ କର୍ମଚାରୀମାନେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ କିରାଣୀ ଗୋଷଙ୍କ ଅଭିଯୋଗ କ୍ରମେ ଡାକ୍ତର ଓରାମ ଆଜି ସକାଳେ ଅଫିସକୁ ଆସିଥିଲେ। ସେ ତାଙ୍କ ଇନସେଣ୍ଟିଭ ବିଲ୍ ବାବଦରେ ପଚାରିଥିଲେ। ତାଙ୍କ ଫାଇଲ ଦେଖିବା ପରେ କେତେକ କାଗଜପତ୍ରର ଆବଶ୍ୟକ ରହିଥିଲା। ଯାହାକି ତାଙ୍କୁ ବୁଝାଇ ଦିଆଯାଇଥିଲା। ସେ ଗାଳିଗୁଲଜ କରି ଚାଲିଯାଇଥିଲେ। ଅପରାହ୍ନ ୩ଟା ପରେ ପୁଣି ଆସିଥିଲେ। ତାଙ୍କ ସାଙ୍ଗରେ ଆଉ ୩ ଜଣ ଅଚିହ୍ନା ଯୁବକ ଥିଲେ। ଅଫିସ୍ ଭିତରକୁ ପଶିବା ମାତ୍ରେ ମାଡ଼ପିଟ କରିଥିଲେ। ଡାକ୍ତରଙ୍କ ଆକ୍ରମଣ ଶିକାର ହୋଇଥିବା କର୍ମଚାରୀ ଶ୍ରୀ ମିଶ୍ର ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଅଫିସ ଭିତରେ ଗଣ୍ଡଗୋଳ କରିଥିଲେ। ମନା କରିବାରୁ ମାଡ଼ପିଟ କରିଥିଲେ। ଚାପୁଡ଼ା ଗୋଇଠା ମାରିଥିଲେ। ସହକର୍ମୀ ସୁକଦେବ ବାରଣ କରିବାରୁ ତାଙ୍କୁ ମଧ୍ୟ ମାଡ଼ପିଟ କରିଥିଲେ। ଡାକ୍ତର ଓରାମଙ୍କ ସହ ଅଜଣା ଯୁବକମାନେ ଥିଲେ। ପୂର୍ବରୁ ମଧ୍ୟ ଡାକ୍ତର ଓରାମ ଅଫିସକୁ ଆସି ଗାଳିଗୁଲଜ କରୁଥିଲେ ବୋଲି ଅଭିଯୋଗ ହୋଇଛି। ଅନ୍ୟପଟ ସିଡିଏମଓ ଗୀତାଞ୍ଜଳି ରାଣୀ ମିଶ୍ର କହିଛନ୍ତି ଯେ, ଇନସେଣ୍ଟିଭ ଟଙ୍କା ପାଇଁ ବିଲ କରିବାକୁ କହିଥିଲେ। କିଛିଦିନ ପୂର୍ବରୁ ମଧ୍ୟ ଆସି ଅଫିସ୍‌ରେ ଗଣ୍ଡଗୋଳ କରିଥିଲେ। ବୁଝାସୁଝା କରି ଫେରାଇ ଦିଆଯାଇଥିଲା। ସମସ୍ତ କାଗଜପତ୍ର ଠିକ୍ ଭାବେ ଦାଖଲ କର ବିଲ୍ ପାସ୍ ହୋଇଯିବ ବୋଲି କହିଥିଲେ। ହେଲେ ଆଜି ପୁଣି ଆସି ମାଡ଼ପିଟ କରିଛନ୍ତି। ଏହାକୁ ନେଇ ଥାନାରେ ଅଭିଯୋଗ କରାଯାଇଛି ବୋଲି କହିଛନ୍ତି।





## ସାହାସପୁର ଗ୍ରାମପଞ୍ଚାୟତରେ କୁକୁଡ଼ାଚିଆଁ ବଣ୍ଟନ

**ମାନେଶ୍ୱର, ୨।୩(ସମିସ):** ରାଜ୍ୟ ସରକାରଙ୍କ ଅପପୁଷ୍ଟି ଓ ରକ୍ତହୀନତା ନିରାକରଣ ଯୋଜନାରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହସପୁର ଗ୍ରାମପଞ୍ଚାୟତରେ କୁକୁଡାଚିଆଁ ବଣ୍ଟନ ହୋଇଯାଇଛି। ଏହି ଅବସରରେ ୧୭୨ଜଣ ହିତାଧିକାରୀଙ୍କୁ ୫ ଗୋଟି ଲେଖାଏଁ କୁକୁଡ଼ାଚିଆଁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭର୍ଚୁଆଲରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସାହସପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପର୍ଶୁରାମ ପଣ୍ଡାଙ୍କ ଦ୍ୱାରା ୧୭୨ଜଣ ହିତାଧିକାରୀଙ୍କୁ କୁକୁଡ଼ାଚିଆଁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାହାସପୁର ପଞ୍ଚାୟତର ସରପଞ୍ଚ ଦିବାକର ବିଶ୍ୱାଳ ଏବଂ ବିଭାଗୀୟ ଅଧିକାରୀ ମାନେଶ୍ୱର ବିଭିଓ ଡାକ୍ତର ଶଶୀଭୂଷଣ ଦାଶ, ଡାକ୍ତର ଗିରିଜା ଶଙ୍କର ମହାନ୍ତି, ଡାକ୍ତର ରାଜୀବ ଲୋଚନ ବେହେରା, ସୁରେଶ ଚନ୍ଦ୍ର ହୋତା, ଧମା ଡାକ୍ତର ଜିତେନ୍ଦ୍ର ଶେଖର ନାୟକ, ସାହାସପୁର ଭିଟି ପ୍ରଦୀପ କୁମାର ନାଏକ, ଦେଓଗାଁ ମଳୟ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ୱାର୍ଡମେମ୍ବରମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବନାଗ୍ନି ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

# ଜଙ୍ଗଲରେ ନିଆଁ ଲଗାଇଲେ କଠୋର ଦଣ୍ଡ

**ଯୁଯୁମୁରା, ୨।୩(ସମିସ):** ସମ୍ବଲପୁର ବନଖଣ୍ଡ ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସଦର ବନାଞ୍ଚଳ ପ୍ରାଙ୍ଗଣରେ ବନାଞ୍ଚଳସ୍ତରୀୟ ବନାଗ୍ନି ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ବନଖଣ୍ଡ ଅଧିକାରୀ ବିଶ୍ୱନାଥ ନୀଳାମ୍ବର ଯୋଗଦେଇ ଜନସାଧାରଣଙ୍କ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି କ୍ଷେତ୍ରରେ ନିଆଁ ନିର୍ବାପିତ ତଥା ଜୈବିକ ପଦ୍ଧତିରେ ଚାଷ ଉପରେ ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ସେଟ୍ ବକ୍ତବ୍ୟ ରଖିଥିଲେ। ବନାଗ୍ନି ନିୟନ୍ତ୍ରଣ ଉପରେ କମେଶ୍ରୀ ଦେହେରୀ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସଦର ବନାଞ୍ଚଳର ସ୍କ୍ୱାର୍ଡ ମାନଙ୍କୁ ବନଖଣ୍ଡ ଅଧିକାରୀ ଟି-ସାର୍ଟ ଓ ଜୋତା ପ୍ରଦାନ କରିଥିଲେ। କେନ୍ଦୁପତ୍ର ବିଭାଗର ବନପାଳ ମନିଷା ମାଝୀ ଜଙ୍ଗଲ ନିଆଁ ନିବାରଣ ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ବନାଞ୍ଚଳ ଅଧିକାରୀ ପ୍ରଦୀପ ପାଢ଼ୀ, ଗଡ୍‌ଗଡ୍‌ବାହାଲ ସଭାପତି ସୁରେଶ୍ୱର ପ୍ରଧାନ, ସିଂହପାଲି ବନସୁରକ୍ଷା ସମିତିର କୋଷାଧ୍ୟକ୍ଷ କ୍ଷୀରସିନ୍ଧୁ ବିଶ୍ୱାଳ, ବନପାଳ ରୋଶନୀ ନାୟକ ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ। ଏଥିରେ ଶତାଧିକ ବନ ସୁରକ୍ଷା ସମିତିର ସଭ୍ୟସଭ୍ୟା, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସଦର ବନାଞ୍ଚଳ କର୍ମଚାରୀ, କେନ୍ଦୁପତ୍ର ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ସଦର ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କ୍ଷେତ୍ର ସଂଯୋଜକ ଉମାକାନ୍ତ ପୋଢ଼ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବୃନ୍ଦାବନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




## ଭୀମଭୋଇ ସ୍ମୃତିପୀଠରେ ରାଷ୍ଟ୍ରପତି

# 'ସନ୍ଥକବିଙ୍କ ବାଣୀ ଜାତି ପାଇଁ ପ୍ରେରଣାର ଉତ୍ସ'





**ରେଢ଼ାଖୋଲ, ୨।୩(ସମିସ)**

ସନ୍ଥକବି ଭୀମଭୋଇ କନ୍ଧ ସମ୍ପ୍ରଦାୟରୁ ଆସି ଭାରତ ବର୍ଷ ସହିତ ବିଶ୍ୱ ଦରବାରରେ କବିତାରେ ନିଜ ବୈପ୍ଳବିକ ବିଚାରଧାରାକୁ ଦର୍ଶାଇ ଦେଇଛନ୍ତି। ତାଙ୍କ ବାଣୀ ସ ବୁବେ ଲେ ପ୍ରେରଣାର ଉତ୍ସ ହୋଇ ରହିବ। ସେହିପରି ଏକ ଆଦିବାସୀ ପରିବାରରେ ବହୁ କଷ୍ଟ, ଦୁର୍ଦ୍ଦିନରେ ଜୀବନ ଅତିବାହିତ କରିଥିବା ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭାବରେ ସାରା ଭାରତବର୍ଷ ତଥା ଓଡ଼ିଶାର ଗର୍ବ ଓ ଗୌରବ ବୃଦ୍ଧି କରିଛନ୍ତି। ଶନିବାର ଦିନ ୧୧ ଟା ୧୫ ମିନିଟ୍‌ରେ ରାଷ୍ଟ୍ରପତି ରେଢ଼ାଖୋଲ ଗସ୍ତରେ ଆସି କଦଳିଗଡ଼ ହାଇସ୍କୁଲ ଅସ୍ଥାୟୀ ହେଲିପ୍ୟାଡ଼ ପଡ଼ିଆଠାରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ର ଶିକ୍ଷା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସରକାରଙ୍କ ହସ୍ତତନ୍ତ୍ର ଶିଳ୍ପ ମନ୍ତ୍ରୀ ରୀତା ସାହୁ ପୁଷ୍ପଗୁଚ୍ଛ ଦେଇ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସେଠାରୁ ପ୍ରଥମେ ସନ୍ଥ କବି ଭୀମଭୋଇଙ୍କ ପ୍ରାପ୍ତିପୀଠ ମଧୁପୁର ଗ୍ରାମକୁ ଯାଇ ତାଳବଣିଆଠାରେ ଭୀମଭୋଇଙ୍କ ପ୍ରାପ୍ତି ସ୍ଥଳ ଦର୍ଶନ କରିଥିଲେ। ତା'ସହିତ ସେଠାରେ ଚଉଷଠି ଦୀପ୍ତ ଧ୍ୱନି ମଣ୍ଡପରେ ଆଶୀର୍ବାଦ ଲାଭ କରିଥିଲେ। ସେଠାରେ ଛୋଟଛୋଟ ଶିଶୁ ମାନଙ୍କୁ ସ୍ନେହ ଶ୍ରଦ୍ଧା କରି ଚକୋଲେଟ ବଣ୍ଟନ କରିଥିଲେ। ସେଠାରୁ ଭକ୍ତିମୟ ପରିବେଶରେ ସ୍ମୃତିପୀଠ କନ୍ଦରାକୁ ଯାଇ ଦିବ୍ୟଜ୍ୟୋତି ଜ୍ଞାନପୀଠ ଦର୍ଶନ କରି ସାନିଧ ଲାଭ କରିବା ସହିତ ହୋମକୁଣ୍ଡରେ ଅର୍ଘ୍ୟ ଅର୍ପଣ କରିଥିଲେ। ଏହାପରେ ଦୀକ୍ଷା ପୀଠ କାଙ୍କଣପଡ଼ା ଗ୍ରାମକୁ ଯାଇ ସେଠାରେ ସନ୍ଥ କବି ଭୀମଭୋଇଙ୍କ ରହିଥିବା ମନ୍ଦିର ଓ ଭୀମଭୋଇ ହସ୍ତ ନିର୍ମିତ ଡଙ୍ଗାକୁ ଦର୍ଶନ କରିଥିଲେ। ସେଠାରୁ ରେଢ଼ାଖୋଲ ସହର ଗସ୍ତ କରି ମିନି ଷ୍ଟାଡ଼ିୟମ ଠାରେ ହଜାର ହଜାର ଜନସାଧାରଣଙ୍କ ସହିତ ସାଧୁସନ୍ଥଙ୍କ ଗହଣରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ମହିମା ଧର୍ମାବଲମ୍ବୀ ସାଧୁସନ୍ଥ ନାମକୀର୍ତ୍ତନ, ଯଜ୍ଞ କରି ସମଗ୍ର ଅଞ୍ଚଳକୁ ଭକ୍ତିମୟ କରିଥିଲେ।

